


ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର
▸ଭିତର ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-199 ◆BHUBANESWAR ◆SATURDAY ◆13 JANUARY 2024 ◆PAGE-16 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ଶନିବାର ◆୧୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


୭୦୦ ବର୍ଷ ପରେ ଶ୍ରୀମନ୍ଦିର ରୂପାନ୍ତରଣ ହୋଇଛି: ଗଜପତି

# ଭକ୍ତଙ୍କୁ ମିଳିବ ଦିବ୍ୟ ଅନୁଭବ

■ **ପୁରୀ, ୧୨।୧ (ସମିସ):** ଦୀର୍ଘ ୭୦୦ ବର୍ଷ ପରେ ଶ୍ରୀମନ୍ଦିରର ରୂପାନ୍ତରୀକରଣ ହୋଇଛି। ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ବିକଶିତ ହୋଇଥିବା ପରିକ୍ରମା ପ୍ରକଳ୍ପର ରୂପରେଖ ଅତ୍ୟନ୍ତ ଅନନ୍ୟ। ଭକ୍ତଙ୍କ ସୁଗମ ଯାତ୍ରା, ବାଧାମୁକ୍ତ ଦର୍ଶନ ଓ ବିଶ୍ରାମ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତଙ୍କୁ ଦିବ୍ୟ ଅନୁଭବ ମିଳିବ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଅନୁଷ୍ଠିତ ହେବାକୁ ଥିବା ତ୍ରିଦିନାତ୍ମକ ଯଜ୍ଞ ନିମନ୍ତେ ଶୁକ୍ରବାର ଶ୍ରୀନଅରରେ ଆଚାର୍ଯ୍ୟବରଣ ଅବସରରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ମତ ବ୍ୟକ୍ତ କହିଛନ୍ତି।

ପରିକ୍ରମା ପ୍ରକଳ୍ପର ରୂପରେଖ ସଂପର୍କରେ ସୂଚନା ଦେଇ ଗଜପତି ମହାରାଜା କହିଥିଲେ ଯେ, ମେଘନାଦ ପାଚେରିରୁ ୭ ମିଟର ପର୍ଯ୍ୟନ୍ତ ବଫର ଜୋନ୍। ଏଥିମଧ୍ୟରୁ ୫ ମିଟର ପରିଧିରେ ମହାପ୍ରଭୁଙ୍କ ପୂଜା ସେବାରେ ଲାଗୁଥିବା ତୁଳସୀ ଓ ଦୟଣା ଭଳି ବିଭିନ୍ନ ▸ପୃଷ୍ଠା-୧୪



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ

# ଗଜପତି କଲେ ଆଚାର୍ଯ୍ୟବରଣ

■ **ପୁରୀ, ୧୨।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ ଶ୍ରୀନଅରରେ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଚାର୍ଯ୍ୟବରଣ କରିଛନ୍ତି। ଏହି ଅବସରରେ ଷୋଳଶାସନର ୪୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ଗଜପତି ମହାରାଜା ପ୍ରଥମେ ରାଜଗୁରୁ ସୁଧାଂଶୁ ଶେଖର ରାଜଗୁରୁଙ୍କୁ ପ୍ରଧାନ ଆଚାର୍ଯ୍ୟ ଭାବେ ବରଣ କରିବା ସହ ଗୁଆ ନଡ଼ିଆ ଟେକିଥିଲେ। ଏହାପରେ ଷୋଳଶାସନର ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ଗୁଆ, ନଡ଼ିଆ ଟେକାଯାଇ ବରଣ କରାଯାଇଛି। ଏହି ୪୮ ଶ୍ରୋତ୍ରୀୟ ବ୍ରାହ୍ମଣ ଯଜ୍ଞ କର୍ମାଦି କରିବେ ଏବଂ ଶ୍ରୀମନ୍ଦିର ଚାରିଦ୍ୱାରାରେ ଆଉ ୬୦ ଜଣ ବେଦଜ୍ଞ ପଣ୍ଡିତ ବ୍ରାହ୍ମଣ ବେଦପାଠ କରିବେ। ▸ପୃଷ୍ଠା-୧୪

- ସରିଲା ଅଙ୍କୁରାରୋପଣ, ଆଜି ଅଙ୍କୁରପୂଜନ
- ଯଜ୍ଞାଦି କର୍ମ କରିବେ ୪୮ ଶ୍ରୋତ୍ରୀୟ ବ୍ରାହ୍ମଣ
- ଚାରିଦ୍ୱାରରେ ୬୦ ବେଦଜ୍ଞ ପଣ୍ଡିତଙ୍କ ବେଦପାଠ

ବିରୋଧୀ ନେତାଙ୍କ ମୁଖା ଖୋଲିଲେ '୫-ଟି' ଅଧ୍ୟକ୍ଷ

# ଭୋଟ୍‌ବେଳେ ଦେଖା, ତା'ପରେ ଗାଏବ

- ବିକାଶର ହିସାବ ଦେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଉଛନ୍ତି ଜନତା
- କମ୍ କଥା ଓ ବିକାଶ କାର୍ଯ୍ୟ ଅଧିକ କରିବାକୁ ଶିକ୍ଷା ଦେଇଛନ୍ତି ମୁଖ୍ୟମନ୍ତ୍ରୀ
- ଗରିବ ଲୋକଙ୍କ ବଡ଼ବଡ଼ ସ୍ୱପ୍ନକୁ ସାକାର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ
- ଅନ୍ୟ ଦଳର ନେତାଙ୍କ ମୁହଁରେ ସବୁବେଳେ କେବଳ ରାଜନୀତିର ଭାଷା

■ **ଭୁବନେଶ୍ୱର, ୧୨।୧ (ସମିସ):** ପୁଣିଥରେ ବିରୋଧୀଙ୍କ ମୁହଁରୁ ମୁଖା ଖୋଲିଛନ୍ତି ବିଜେଡି ନେତା ତଥା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସମ୍ବଲପୁର ଜିଲ୍ଲାର ବରେଇପାଲି ଓ ରେଙ୍ଗାଲିରେ ଅନୁଷ୍ଠିତ ସମାବେଶରେ ବିରୋଧୀ ନେତାମାନଙ୍କର ସୁବିଧାବାଦୀ ମନୋଭାବକୁ କଟୁ ସମାଲୋଚନା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ରମାଗତ ବିଜୟର ରହସ୍ୟ ଖୋଲିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ବେଳେ ବିରୋଧୀ ନେତାଙ୍କ ଦେଖା ମିଳେ, ଭୋଟ ସରିଲେ ସେମାନେ ପୁଣି ଗାଏବ ହୋଇ ଯାଆନ୍ତି। ଆଗକୁ ନିର୍ବାଚନ କିଛିମାସ ବାକି ଥିବାରୁ ବଡ଼ବଡ଼ ନେତାମାନେ ଜିଲ୍ଲା ଗସ୍ତ କରୁଛନ୍ତି। ସବୁଥର ଭଳି ଏଥର ବି ବଡ଼ ବଡ଼ ଭାଷଣ ମାରୁଛନ୍ତି। ଲୋକଙ୍କ ସହ ଆଲୋଚନା କରି ଚାଲିଯାଉଛନ୍ତି। ନିର୍ବାଚନ ଥିବାରୁ ହିଁ ସେମାନଙ୍କ ଦେଖା ମିଳୁଛି। ନିର୍ବାଚନ ସରିଗଲେ ଆଉ କାହାର ଦେଖା ମିଳେ ନାହିଁ ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି। '୫-ଟି' ଅଧ୍ୟକ୍ଷ ପୁଣି କହିଛନ୍ତି ଯେ ▸ପୃଷ୍ଠା-୧୪



# ମା'ମାନଙ୍କ ସଶକ୍ତୀକରଣରେ ସମାଜ ସଶକ୍ତ

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷି ଓଡ଼ିଶା-୨୦୨୪ ଉଦ୍‌ଘାଟିତ




- କୃଷି ଉଦ୍ୟୋଗ ଭବନ ଏବଂ 'ଇମେଜ୍'ର ନୂଆ କ୍ୟାମ୍ପସ ପାଇଁ ଭିତ୍ତି ସ୍ଥାପନ
- ସଫଳ ପୋର୍ଟାଲର ଶୁଭାରମ୍ଭ, ଚାଷୀଙ୍କୁ ଶୀଘ୍ର ଓ ସୁବିଧାରେ ମିଳିବ ଋଣ
- କୃଷି ଉଦ୍ୟୋଗରେ ମହିଳାମାନଙ୍କ ଅଧିକ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

■ **ଭୁବନେଶ୍ୱର, ୧୨।୧ (ସମିସ):** ମା'ମାନଙ୍କ ସଶକ୍ତୀକରଣ କେବଳ ଏକ ପରିବାରକୁ ନୁହେଁ; ବରଂ ସାରା ସମାଜକୁ ସଶକ୍ତ କରେ। ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ମିଶନ ଶକ୍ତି ଜରିଆରେ ମା'ମାନେ ବିକାଶର ସବୁ କ୍ଷେତ୍ରରେ ସହଭାଗୀ ହୋଇପାରିଛନ୍ତି। କୃଷି କ୍ଷେତ୍ରରେ ମଧ୍ୟ ମା'ମାନଙ୍କୁ ଆହୁରି ଆଗକୁ ଯିବାର ସମୟ ଆସିଛି। ଶୁକ୍ରବାର ଭୁବନେଶ୍ୱର ଜନତା ମଇଦାନରେ ୩ ଦିନିଆ 'କୃଷି ଓଡ଼ିଶା-୨୦୨୪'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି ଓଡ଼ିଶା ସମ୍ମିଳନୀ ଆୟୋଜନ ଭଳି ପଦକ୍ଷେପ କୃଷି କ୍ଷେତ୍ରରେ ମା'ମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ସହ ସେମାନଙ୍କ ଯୋଗଦାନକୁ ଉତ୍ସାହିତ କରିବ। ▸ପୃଷ୍ଠା-୧୪

୫୬ ହଜାର କୋଟି ଟଙ୍କାର ବ୍ୟାଙ୍କ ଦୁର୍ନୀତି

# ଭୂଷଣ ଷ୍ଟିଲ୍‌ର ପୂର୍ବତନ ଏମ୍‌ଡିଙ୍କ ସମେତ ୫ ଗିରଫ

■ **ଭୁବନେଶ୍ୱର, ୧୨।୧ (ସମିସ):** ୫୬ ହଜାର କୋଟି ଟଙ୍କାର ବ୍ୟାଙ୍କ ଦୁର୍ନୀତି ମାମଲାରେ ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଭୂଷଣ ଷ୍ଟିଲ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ନିରଜ ସିଂଘଲ, ତାଙ୍କ ଭଉଣୀ ଅର୍ଚ୍ଚନା ମିତ୍ତଲ ଓ ଅନ୍ୟ ୩ ଅଧିକାରୀଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଅଜୟ ମିତ୍ତଲ, ନିତୀନ ଜୋହରୀ (କମ୍ପାନୀର ପୂର୍ବତନ ସିଏଫଓ), ପ୍ରେମ ତିୱାରୀ (ପୂର୍ବତନ ସଭାପତି), ପ୍ରେମ ଅଗ୍ରୱାଲ (ପୂର୍ବତନ ଉପ ସଭାପତି) ମଧ୍ୟ ରହିଛନ୍ତି। ଅଦାଲତରେ ହାଜର ପରେ ଅଭିଯୁକ୍ତମାନଙ୍କୁ ଇଡ଼ି ଜେରା ନିମନ୍ତେ ୩ ଦିନିଆ ରିମାଣ୍ଡରେ ନେଇଛି। ଭୂଷଣ ଷ୍ଟିଲ କର୍ତ୍ତୃପକ୍ଷ ଜାଲ୍ ଦସ୍ତାବିଜ୍ ଦେଇ ବ୍ୟାଙ୍କରୁ ▸ପୃଷ୍ଠା-୧୪




## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ

**ନୂଆଦିଲ୍ଲୀ, ୧୨ ।୧ (ଏଜେନ୍ସି):** ଆସନ୍ତା ୨୨ ତାରିଖରେ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି । ଏହି ଉତ୍ସବରେ ଯୋଗଦେବା ପାଇଁ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନିମନ୍ତ୍ରଣ କରାଯାଇଛି । ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର, ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର କାର୍ଯ୍ୟନିର୍ବାହୀ ସଭାପତି ଆଲୋକ କୁମାର ଏବଂ ଆରଏସ୍ଏସ୍ ନେତା ରାମଲାଲ ରାଷ୍ଟ୍ରପତିଙ୍କୁ ଭେଟି ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରିଛନ୍ତି । ଭିଏଚ୍‌ପିର ଜାତୀୟ ମୁଖପାତ୍ର ବିନୋଦ ବଂଶଲ ଏହି ସୂଚନା ଦେଇଛନ୍ତି । ସେ ଏହାର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି । ଏହି ନିମନ୍ତ୍ରଣ ପାଇ ରାଷ୍ଟ୍ରପତି ଖୁସି ପ୍ରକଟ କରିଛନ୍ତି । ଖୁବ୍‌ଶୀଘ୍ର ଅଯୋଧ୍ୟା ଯିବା ପାଇଁ ସମୟ ସ୍ଥିର କରିବେ ବୋଲି କହିଛନ୍ତି ।

## ପଶ୍ଚିମବଙ୍ଗ ମନ୍ତ୍ରୀ-ବିଧାୟକଙ୍କ ଘରେ ଇଡି

**କୋଲକାତା, ୧୨।୧ (ଏଜେନ୍ସି):** ପଶ୍ଚିମବଙ୍ଗ ମନ୍ତ୍ରୀ ସୁଜିତ ବୋଷ ଏବଂ ବିଧାୟକ ତାପସ ରୟଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଚଢ଼ଉ କରିଛି । ପୌରପାଳିକା ନିଯୁକ୍ତି ଦୁର୍ନୀତି ମାମଲାରେ ଟିଏମ୍‌ସିର ଉଭୟ ନେତାଙ୍କ ଘରର ତଲାସୀ ନିଆଯାଇଛି । ଏହି ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି । ରିପୋର୍ଟ ଅନୁଯାୟୀ କୋଲକାତା ବାହାରେ ଥିବା ଏହି ନେତାଙ୍କ ଠିକଣାରେ ମଧ୍ୟ ଚଢ଼ଉ କରାଯାଇଛି । ପୌରପାଳିକାର ପୂର୍ବତନ ଅଧ୍ୟକ୍ଷଙ୍କ ଘର ମଧ୍ୟ ତଲାସୀ ନିଆଯାଇଛି । ମନ୍ତ୍ରୀ ସୁଜିତ କୌଣସି ଦୁର୍ନୀତି କରିନଥିବା କହିବା ସହିତ ଯଦି ଏହା ପ୍ରମାଣିତ ହୁଏ ତେବେ ଇସ୍ତଫା ଦେବେ ବୋଲି କହିଛନ୍ତି । ଟିଏମ୍‌ସି ନେତା କୁନାଲ ଘୋଷ କହିଛନ୍ତି ଯେ ଇଡି ବିଜେପି ନିର୍ଦ୍ଦେଶରେ କାମ କରୁଛି । ରାଜ୍ୟରେ ନିର୍ବାଚନ ହାରିବା ପରେ ଟିଏମ୍‌ସିର ସାମନା କରିବାକୁ ଏହି ଦଳର ସାହସ ନାହିଁ । ତେଣୁ ଏଜେନ୍ସିକୁ ବ୍ୟବହାର କରୁଛି ।

## ୮ ବର୍ଷ ପରେ ମିଳିଲା ବିମାନର ଅବଶେଷ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଆଠ ବର୍ଷ ପରେ ଭାରତୀୟ ବାୟୁସେନାର ଏକ ପରିବହନ ବିମାନ ଏଏନ-୩୨ର ଅବଶେଷ ମିଳିଛି । ସମୁଦ୍ରର ୩.୪ କିମି ଗଭୀରତାରେ ଏହାକୁ ଠାବ କରାଯାଇଛି । ଏହି ବିମାନ ୨୦୧୬ ଜୁଲାଇ ୨୨ରେ ବଙ୍ଗୋପସାଗରରୁ ନିଖୋଜ ହୋଇଯାଇଥିଲା । ଚେନ୍ନଇର ତାମ୍ବରମ ବିମାନବନ୍ଦରରୁ ଉଡ଼ାଣ କରିବାର ୧୬ ମିନିଟ ପରେ ରାଡାରରୁ ଗାଏବ ହୋଇ ଯାଇଥିଲା । ଏଥିରେ ୨୯ ଲୋକ ଯାତ୍ରା କରୁଥିଲେ । ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓସେନ ଟେକ୍ନୋଲୋଜିର ପାଣିଭିତରେ ଗତି କରୁଥିବା ଏକ ସ୍ୱୟଂଚାଳିତ ଯାନ (ଏୟୁଭି) ଏହି ଫଟୋ ଉଠାଇ ଥିଲା । ଯାଞ୍ଚରୁ ଚେନ୍ନଇ ଉପକୂଳରୁ ୩୧୦ କିମି ଦୂର ବଙ୍ଗୋପସାଗର ଉପକୂଳରୁ କିଛି ଅବଶେଷ ମିଳିଥିବା ଜଣା ପଡ଼ିଥିଲା । ଏହା ଏଏନ୍-୩୨ ବିମାନର ଅଂଶ ଥିଲା । ୨୦୧୬ ପୂର୍ବରୁ ଏଠାରେ କୌଣସି ବିମାନ ଦୁର୍ଘଟଣା ହୋଇ ନ ଥିଲା ବୋଲି ଜଣାପଡ଼ିଛି ।

## ସେନାଗାଡ଼ି ଉପରେ ଆତଙ୍କୀ ଆକ୍ରମଣ

**ଶ୍ରୀନଗର, ୧୨।୧ (ଏଜେନ୍ସି):** ଜମ୍ମୁ-କାଶ୍ମୀର ପୁଞ୍ଚର ମେଣ୍ଢର ମାର୍ଗରେ ଶୁକ୍ରବାର ସନ୍ଧ୍ୟାରେ ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଛି । ମାତ୍ର ଏଥିରେ କେହି ମୃତାହତ ହୋଇନାହାନ୍ତି । ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଆତଙ୍କବାଦୀ ଫେରାର ହୋଇଯାଇଛନ୍ତି । ସୁରକ୍ଷାବାହିନୀ ଉକ୍ତ ଅଞ୍ଚଳକୁ ଖାଲି କରି ତଲାସୀ ଅଭିଯାନ ଆରମ୍ଭ କରିଛି । ଯାନବାହନ ଚଳପ୍ରଚଳ ଉପରେ କଟକଣା ଲଗାଇ ଦିଆଯାଇଛି । ପ୍ରତ୍ୟେକ ଗାଡ଼ିର ତଲାସୀ ନିଆଯାଉଛି । ଏଠାରେ କେତେ ଜଣ ଆତଙ୍କବାଦୀ ଲୁଚି ରହିଛନ୍ତି ତାହା ଜଣାପଡ଼ି ନାହିଁ । ନର୍ଦ୍ଦର୍ଣ୍ଣ କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ ଇନ୍-ଚିଫ୍ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପୁଞ୍ଚରେ ଥିବାବେଳେ ଏହି ଆକ୍ରମଣ ହୋଇଛି । ସେ ଅନ୍ୟ ଅଧିକାରୀଙ୍କ ସହିତ ଆତଙ୍କବାଦର ମୁକାବିଲା ପାଇଁ ରଣନୀତି ବନାଉଛନ୍ତି ।

## ଆଜି ‘ଇଣ୍ଡିଆ’ ମେଣ୍ଟର ବୈଠକ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଶନିବାର ସକାଳ ୧୧ଟା୩୦ରେ ବିରୋଧୀ ମେଣ୍ଟ ‘ଇଣ୍ଡିଆ’ ର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଏହି ବୈଠକରେ ଆସନ ବୁଝାମଣା ଏବଂ ରଣନୀତିକୁ ନେଇ ଆଲୋଚନା ହୋଇପାରେ । ଏହା ସହିତ ମେଣ୍ଟର ସଂଯୋଜକଙ୍କ ନାମ ମଧ୍ୟ ଚୂଡ଼ାନ୍ତ କରାଯାଇପାରେ । ଏହି ବୈଠକରେ ଶରଦ ପାୱାର, ଉଦ୍ଧବ ଠାକରେ, ଏମ କେ ଷ୍ଟାଲିନ, ନୀତୀଶ କୁମାରଙ୍କ ସମେତ ୧୪ ଦଳର ନେତା ଭାଗନେବେ । କିନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସାମିଲ ହେବେ ନାହିଁ । ସୂଚନା ଅନୁଯାୟୀ ଜେଡିୟୁ ନୀତୀଶଙ୍କୁ ସଂଯୋଜକ କରିବାକୁ ଚାହୁଁଛି । କିନ୍ତୁ ଟିଏମ୍‌ସି ଏହାକୁ ବିରୋଧ କରୁଛି । ଏହି ବୈଠକରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବିଷୟରେ ମଧ୍ୟ ଆଲୋଚନା ହେବ ବୋଲି ଜୟରାମ ରମେଶ କହିଛନ୍ତି ।

## ଆପ୍‌ର ୩ ନେତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଆମ ଆଦମୀ ପାର୍ଟି (ଆପ୍) ର ତିନି ନେତା ସଂଜୟ ସିଂହ, ସ୍ୱାତୀ ମାଲିୱାଲ ଏବଂ ନାରାୟଣ ଦାସଗୁପ୍ତା ନିର୍ଦ୍ୱନ୍ଦ୍ୱରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ତିନି ନିର୍ବାଚିତ ସାଂସଦ ରିଟର୍ଣ୍ଣିଂ ଅଫସରଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜୟ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଏବେ ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଜେଲ୍‌ରେ ଥିବା ସଂଜୟ ସିଂହଙ୍କୁ ଆପ୍ ପୁଣିଥରେ ରାଜ୍ୟସଭା ପ୍ରାର୍ଥୀ କରିଥିଲା ।

### ଯେମେନ୍‌ରେ ଆମେରିକା-ବ୍ରିଟେନ୍‌ର ଏୟାର ଷ୍ଟ୍ରାଇକ୍

# ହୁତି ବିଦ୍ରୋହୀଙ୍କ ୧୬ ଠିକଣା ଧ୍ୱସ୍ତ



**ୱାଶିଂଟନ, ୧୨।୧ (ଏଜେନ୍ସି)**

ରୁଷ୍-ୟୁକ୍ରେନ, ଇସ୍ରାଏଲ- ହମାସ ଯୁଦ୍ଧ ପରେ ଏବେ ପୁଣି ବିଶ୍ୱରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି । ଲୋହିତ ସାଗରରେ ବାରମ୍ବାର ଆକ୍ରମଣ ପରେ ଆମେରିକା ଏବଂ ବ୍ରିଟେନ ବଡ଼ ପଦକ୍ଷେପ ଗ୍ରହଣ କରି ମିଳିତ ଭାବେ ୟେମେନରେ ଏୟାର ଷ୍ଟ୍ରାଇକ କରିଛନ୍ତି । ଗୁରୁବାର ହୁତି ବିଦ୍ରୋହୀଙ୍କ ନିୟନ୍ତ୍ରଣାଧୀନ ଅଞ୍ଚଳରେ ଏୟାରଷ୍ଟ୍ରାଇକ କରି ୧୬ଟି

> ଜାହାଜ ଆକ୍ରମଣର ପ୍ରତିଶୋଧ: ବାଇଡେନ
>
> ଆତ୍ମରକ୍ଷା ପାଇଁ କରାଯାଇଛି ଆକ୍ରମଣ: ଋଷି ସୁନକ
>
> ବିଦ୍ରୋହୀଙ୍କ ଚେତାବନୀ: ବହୁମୂଲ୍ୟ ଦେବାକୁ ପଡ଼ିବ
>
> ୟୁଏନ୍‌ଏସ୍‌ସିର ଜରୁରୀକାଳୀନ ବୈଠକ ଡାକିଲା ରୁଷ୍
>
> ମଧ୍ୟ ପ୍ରାଚ୍ୟକୁ ବ୍ୟାପିପାରେ ଇସ୍ରାଏଲ ଯୁଦ୍ଧ: ସାଉଦି

ସ୍ଥାନରେ ଥିବା ୬୦ ଲକ୍ଷ୍ୟକୁ ଧ୍ୱଂସ କରିଦେଇଛନ୍ତି । ଏହି ଆକ୍ରମଣରେ ୟେମେନର ରାଜଧାନୀ ସନା ସହିତ ଧମାର ସଦା ସହର ଏବଂ ହୋଦେଇଦାହ ପ୍ରଦେଶରେ ଥିବା ବିଦ୍ରୋହୀଙ୍କ ଲଜିଷ୍ଟିକ୍ ହବ୍, ଏୟାର ଡିଫେନ୍ସ ସିଷ୍ଟମ ଏବଂ ଅସ୍ତ୍ରଶସ୍ତ୍ର ଭଣ୍ଡାର ଆଦିକୁ ନିଶାଣ କରାଯାଇଥିଲା । ଏହି ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି । ବିଦ୍ରୋହୀଙ୍କ ଅସ୍ତ୍ରଶସ୍ତ୍ର, ବିମାନ ଆଦି ମଧ୍ୟ ଧ୍ୱଂସ ହୋଇଯାଇଛି । ଏହି ଆକ୍ରମଣରେ ଯୁଦ୍ଧ ଜାହାଜ, ବୁଡ଼ାଜାହାଜ, ଲଢୁଆ ବିମାନ ଏବଂ ଟୋମହକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା । ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି । ଏହି ଆକ୍ରମଣ ଦ୍ୱାରା ୨୦୧୪ରୁ ଗୃହଯୁଦ୍ଧର ସାମ୍ନା କରୁଥିବା ୟେମେନ ପୁଣିଥରେ ଯୁଦ୍ଧ ମଧ୍ୟକୁ ଠେଲି ହୋଇଯାଇଛି ।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏହି ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେ ଲୋହିତ ସାଗର ଆକ୍ରମଣର ପ୍ରତିଶୋଧ ନିଆଯାଇଛି ବୋଲି କହିଛନ୍ତି । ଜାହାଜ ଉପରେ ଆକ୍ରମଣକୁ ଆଦୌ ଗ୍ରହଣ କରାଯିବ ନାହିଁ । ହୁତି ବିଦ୍ରୋହୀଙ୍କ ଆକ୍ରମଣ ଯୋଗୁଁ ଲୋହିତ ସାଗର ଦେଇ ଯାଉଥିବା ଜାହାଜର ଗତି ପଥ ବଦଳାଇବାକୁ ପଡୁଥିଲା । ନିଜ ଲୋକ ଏବଂ ବ୍ୟବସାୟୀକ ମାର୍ଗର ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦେବାକୁ ପଛଘୁଞ୍ଚା ଦେବୁ ନାହିଁ । ସେହିପରି ଆତ୍ମରକ୍ଷା ପାଇଁ ଏହି ଆକ୍ରମଣ କରାଯାଇଛି ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ରଷି ସୁନକ କହିଛନ୍ତି । ଜଳପଥର ସୁରକ୍ଷା ପାଇଁ ବ୍ରିଟେନ ସବୁବେଳେ ଆଗଭର ହୋଇ ରହିଛି । ଜାହାଜ ଏବଂ କର୍ମଚାରୀଙ୍କ ଉପରେ ଆକ୍ରମଣକୁ କେବେ ବି ବରଦାସ୍ତ କରାଯିବ ନାହିଁ । ସାମୁଦ୍ରିକ ମାର୍ଗକୁ ବିପଦରେ ପକାଇବାର ଅନୁମତି କାହାକୁ ଦିଆଯିବ ନାହିଁ । ଅନ୍ୟପଟେ ସାଉଦି ଆରବ ଏହି ଆକ୍ରମଣ ଉପରେ ଚିନ୍ତା ପ୍ରକଟ କରିଛି । ଏହି ପ୍ରସଙ୍ଗରେ ଉପସାଗରୀୟ ରାଷ୍ଟ୍ର ସହ ଆମେରିକା ଏବଂ ବ୍ରିଟେନର ସମ୍ପର୍କ ଖରାପ ହୋଇପାରେ ବୋଲି କୁହାଯାଉଛି । ହୁତି ଉପ-ବିଦେଶ ମନ୍ତ୍ରୀ ହୁସେନ ଅଲ-ଏଜିଜ ଦେଶରେ ବଡ଼ ଆକ୍ରମଣ ହୋଇଥିବା କହିଛନ୍ତି । ଏହି ଆକ୍ରମଣକୁ ନେଇ ବ୍ରିଟେନ-ଆମେରିକାକୁ ଚେତାବନୀ ଦେଇଛନ୍ତି । ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ । ଏୟାର ଷ୍ଟ୍ରାଇକ ସତ୍ତ୍ୱେ ଲୋହିତ ସାଗରରେ ଆକ୍ରମଣ ଜାରି ରହିବ ।

ସୂଚନା ଅନୁଯାୟୀ ୨୦୧୬ ପରେ ଆମେରିକା ପ୍ରଥମ ଥର ପାଇଁ ହୁତି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି । ଏହି ଆକ୍ରମଣ ପଛରେ ଅଷ୍ଟ୍ରେଲିଆ, ବାହାରିନ, କାନାଡ଼ା ଏବଂ ନେଦରଲାଣ୍ଡ ରହିଛି । ଅପରପକ୍ଷେ ଆମେରିକା-ବ୍ରିଟେନ ଆକ୍ରମଣ ଦ୍ୱାରା ଇସ୍ରାଏଲ- ହମାସ ଯୁଦ୍ଧ ମଧ୍ୟ ପ୍ରାଚ୍ୟ ପର୍ଯ୍ୟନ୍ତ ବ୍ୟାପିବ ବୋଲି ସାଉଦି ଆରବ ଆଶଙ୍କା କରିଛି । ଏଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାମଲାକୁ ଆଗକୁ ନ ବଢ଼ାଇବା ପାଇଁ ସାଉଦି ବିଦେଶ ମନ୍ତ୍ରାଳୟ ଅନୁରୋଧ କରିଛି । ସେହିପରି ଆମେରିକା-ବ୍ରିଟେନ କାର୍ଯ୍ୟାନୁଷ୍ଠାନକୁ ରୁଷ୍ ବେଆଇନ କହିଛି । ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଜରୁରୀକାଳୀନ ବୈଠକ ଡାକିବାକୁ ଦାବି କରିଛି ।

## ଆରବ ସାଗରରେ ଭାରତର ୧୦ ଯୁଦ୍ଧ ଜାହାଜ

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ସମୁଦ୍ର ଲୁଟେରାଙ୍କଠାରୁ ଜାହାଜକୁ ସୁରକ୍ଷା ଦେବା ପାଇଁ ଭାରତ ଆରବ ସାଗରରେ ୧୦ଟି ଯୁଦ୍ଧ ଜାହାଜ ମୁତୟନ କରିଛି । ପୂର୍ବରୁ ତିନୋଟି ଯୁଦ୍ଧ ଜାହାଜ ଥିବାବେଳେ ଆଦେନ ଉପସାଗରୀୟ କ୍ଷେତ୍ର ପର୍ଯ୍ୟନ୍ତ ଆଉ ୭ଟି ଯୁଦ୍ଧ ଜାହାଜକୁ ମୁତୟନ କରାଯାଇଛି । ଭାରତୀୟ ନୌସେନା ପକ୍ଷରୁ କୁହାଯାଇଛି ଯେ ଆରବ ସାଗରରେ କାର୍ଗୋ ଜାହାଜ ଉପରେ ଆକ୍ରମଣ କ୍ରମାଗତ ଭାବେ ବଢ଼ି ଚାଲିଛି । ଏହି ସବୁ



ଜାହାଜକୁ ସୁରକ୍ଷା ଦେବା ପାଇଁ ଏବଂ ଡ୍ରୋନ ଆକ୍ରମଣକୁ ବିଫଳ କରିବାକୁ ସୋମାଲିଆ ଉପକୂଳ ନିକଟରେ, ଆରବ ସଗାରରେ ଏବଂ ଆଦେନ ଉପସାଗରୀୟ କ୍ଷେତ୍ରରେ ଡେଷ୍ଟ୍ରୟର୍ସ, ଫ୍ରିଗେଟ୍ସ ଏବଂ ପାଟ୍ରୋଲିଂ ବୋଟ୍ ସମେତ ୧୦ ଯୁଦ୍ଧ ଜାହାଜ ମୁତୟନ କରାଯାଇଛି । ଏହା ମଧ୍ୟରେ ଆଇଏନ୍‌ଏସ୍, ମୋରମୁଗାଓ, ଆଇଏନ୍‌ଏସ୍ କୋଲକାତା, ଆଇଏନ୍‌ଏସ୍ କୋଚି, ଆଇଏନ୍‌ଏସ୍ ଚେନ୍ନଇ, ଆଇଏନ୍‌ଏସ୍ ତରକସ ଏବଂ ଆଇଏନ୍‌ଏସ୍ ତଲୱାର ସାମିଲ ରହିଛି । ଏବେ ସମୁଦ୍ରରେ ଘଟୁଥିବା ପ୍ରତ୍ୟେକ ଘଟଣା ଉପରେ ନୌସେନାର ନଜର ରହିବ । ଏହି ଜାହାଜରେ ଥିବା ମରିନ କମାଣ୍ଡୋ ଲୁଟେରାଙ୍କ ସମସ୍ତ କାର୍ଯ୍ୟକଳାପକୁ ବିଫଳ କରିଦେବେ । ସୂଚନାଯୋଗ୍ୟ ଯେ ଗତ ୪୨ ଦିନରେ ବିଭିନ୍ନ ଜାହାଜ ଉପରେ ୩୫ ଥର ଆକ୍ରମଣ ହୋଇଥିଲା । ଏହି ଜାହାଜରେ ଭାରତୀୟ କ୍ରୁ ସଦସ୍ୟ ମଧ୍ୟ ସାମିଲ ଥିଲେ ।

### ■ ପପୁଆ ନ୍ୟୁ ଗିନିରେ ପୁଲିସର ଅନଶନ

## ଦେଶରେ ଲୁଟ୍‌ପାଟ୍, ହିଂସା; ୧୬ ମୃତ

**ପୋର୍ଟ ମୋରେସବି, ୧୨।୧ (ଏଜେନ୍ସି):** ପପୁଆ ନ୍ୟୁ ଗିନିରେ ପୁଲିସ ବିକ୍ଷୋଭ ପ୍ରଦର୍ଶନ କରୁଛି । ବୁଧବାରଠାରୁ ରାଜଧାନୀର ସମସ୍ତ କର୍ମଚାରୀ ଅନଶନ ଆରମ୍ଭ କରିଛନ୍ତି । ଏଥିଯୋଗୁଁ ସହରର ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଲୋକେ ଲୁଟ୍‌ପାଟ୍ ଆରମ୍ଭ କରିଦେଇଛନ୍ତି । ହିଂସା ମଧ୍ୟ ସୃଷ୍ଟି ହୋଇଛି । ଏ ପର୍ଯ୍ୟନ୍ତ ଏଥିରେ ୧୬ ଜଣ ଲୋକଙ୍କ ମୃତ୍ୟୁ ହେଲାଣି । ସ୍ଥିତି ଜଟିଳ ହେଉଥିବା ଦେଖି ସରକାର ଜରୁରୀକାଳୀନ ସ୍ଥିତି କାର୍ଯ୍ୟକାରୀ କରିଛନ୍ତି । ରିପୋର୍ଟ ଅନୁଯାୟୀ ଦେଶର ବେକାରୀ ଏବଂ ଦରଦାମ ବୃଦ୍ଧି ଆକାଶ ଛୁଇଁଛି । ସ୍ଥିତି ଏପରି ହୋଇଛି ଯେ ପୁଲିସ କର୍ମଚାରୀଙ୍କ ଦରମା ଅଧା କାଟି ଦିଆଯାଇଛି । ଏହାକୁ ବିରୋଧ କରି ଏବଂ ଦରମା ବଢ଼ାଇବା ପାଇଁ ପୁଲିସ କର୍ମଚାରୀ ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ପୁଲିସ ଅନୁପସ୍ଥିତି ଯୋଗୁଁ ଲୋକେ ସୁପରମାର୍କେଟ ଏବଂ ଦୋକାନରେ ପ୍ରବେଶ କରି ଭଙ୍ଗାରୁଜା କରିଛନ୍ତି । ସାମଗ୍ରୀ ବୋହି ନେଇଛନ୍ତି । କିଛି ଉପଦ୍ରବୀ ରାସ୍ତା ଉପରେ ରଖାଯାଇଥିବା ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି । ଲୋକେ ସଂସଦ ଭିତରେ ପ୍ରବେଶ କରିବାକୁ ଉଦ୍ୟମ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଥିବା ଗାଡ଼ିରେ ନିଆଁ ଲଗାଇ



ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଜେମ୍ସ ମାରେପ ଘଟଣାକୁ ନେଇ କ୍ଷମା ମାଗିଛନ୍ତି । କମ୍ପ୍ୟୁଟର ଖରାପ ଯୋଗୁଁ ପୁଲିସ କର୍ମଚାରୀଙ୍କ ଦରମା କମ୍ ଆସିଛି । ଏହାକୁ ଶୀଘ୍ର ଠିକ୍ କରିଦିଆଯିବ ବୋଲି କହିଛନ୍ତି । ସେ ହିଂସା ବନ୍ଦ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି ।

### ■ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସ୍ଥାନ ବଦଳିଲା

## ‘ମୁଖ୍ୟ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଯାଉଛି’

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ସ୍ଥାନ ବଦଳିଯାଇଛି । ଏବେ ଏହା ମଣିପୁରର ରାଜଧାନୀ ଇମ୍ଫାଲଠାରୁ ୩୪ କିମି ଦୂରରେ ଥିବା ଥୌବୁଲରୁ ଆରମ୍ଭ ହେବ । ମଣିପୁର ସରକାର ଏହି ଯାତ୍ରା ପାଇଁ ହଜାରେ ଲୋକଙ୍କୁ ଅନୁମତି ଦେଇଥିଲେ । ତେଣୁ ସର୍ତ୍ତକୁ ଦେଖି କଂଗ୍ରେସ ସ୍ଥାନ ପରିବର୍ତ୍ତନ କରିଛି । ମଣିପୁର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ କିଶମ ମେଘଚନ୍ଦ୍ର କହିଛନ୍ତି ଯେ ଏହି ସର୍ତ୍ତ ଚିନ୍ତାଜନକ ଥିଲା । ସେଥିପାଇଁ ଅନ୍ୟତ୍ର ଅନୁମତି ମଗାଯାଇଥିଲା । ଗତ ୧୦ ତାରିଖରେ ଥୌବଲ ଜିଲ୍ଲା ଡେପୁଟି କମିଶନର ଖୋଙ୍ଗଜାମ ସ୍ଥିତି ପଡ଼ିଆରେ କାର୍ଯ୍ୟକ୍ରମକୁ ଅନୁମତି ପ୍ରଦାନ କରିଥିଲେ । ୧୪ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହିଠାରୁ ଯାତ୍ରାକୁ ସବୁଜ ପତାକା ଦେଖାଇବେ । ତେବେ ଏହାର ମାର୍ଗରେ କୌଣସି ପରିବର୍ତ୍ତନ ହେବ ନାହିଁ । ଅନ୍ୟପକ୍ଷରେ ଜାତୀୟ ଯୁବ ଦିବସ ଅବସରରେ ରାହୁଲ କେନ୍ଦ୍ର ସରକାରଙ୍କୁ ନିଶାଣ କରିଛନ୍ତି । ଆଜି ପ୍ରକୃତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନ ହଟାଇବାକୁ ରାଜନୀତି କରାଯାଉଛି । ଭାବ ପ୍ରବଣ ପ୍ରସଙ୍ଗଗୁଡିକ ଭୁଲ୍ ଭାବେ ବ୍ୟବହାର କରାଯାଉଛି । ଦେଶର ଜନତାଙ୍କ



ସହ ଛଳ କରାଯାଉଛି । ମୂଲ୍ୟବୃଦ୍ଧି, ବେକାରୀ ଯୋଗୁଁ ଗରିବ ଏବଂ ଯୁବ ବର୍ଗ ଶିକ୍ଷା, ଆୟ ଏବଂ ଔଷଧର ବୋଝରେ ପେଶି ହେଇଯାଉଛନ୍ତି । ଏପରି ସମୟରେ ସରକାର ‘ଅମୃତ କାଳ’ ପାଳନ କରୁଛନ୍ତି । ଯୁବବର୍ଗ କଂଗ୍ରେସକୁ ଅକୁଣ୍ଠ ସମର୍ଥନ କରୁଛନ୍ତି ବୋଲି ରାହୁଲ କହିଛନ୍ତି ।

### ଦେଶର ଦୀର୍ଘତମ ‘ଅଟଳ ସେତୁ’ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

# ୨ ଘଣ୍ଟାର ଯାତ୍ରା ପାଇଁ ଲାଗିବ ୨୦ ମିନିଟ୍

**ମୁମ୍ବାଇ, ୧୨।୧ (ଏଜେନ୍ସି)**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର ଦୀର୍ଘତମ ସାମୁଦ୍ରିକ ସେତୁ ‘ଅଟଳ ସେତୁ’କୁ ଉଦ୍‌ଘାଟନ କରିଛନ୍ତି । ଏହି ପୋଲ ମୁମ୍ବାଇକୁ ନଭି ମୁମ୍ବାଇ ସହ ଯୋଡୁଛି । ଏହା ଦ୍ୱାରା ୨ ଘଣ୍ଟାର ଯାତ୍ରା ମାତ୍ର ୨୦ ମିନିଟ ମଧ୍ୟରେ ସମ୍ପୂର୍ଣ୍ଣ ହେବ । ମୁମ୍ବାଇରୁ ପୁଣେ, ଗୋଆ ଏବଂ ଦକ୍ଷିଣ ଭାରତ ଯିବା ପାଇଁ ମଧ୍ୟ କମ୍ ସମୟ ଲାଗିବ । ୧୭, ୮୪୩ କୋଟି ଟଙ୍କା ବ୍ୟୟରେ ଏହି ପୋଲ ନିର୍ମାଣ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ୨୦୧୬ ଡିସେମ୍ବରରେ ଏହାର ଶୁଭ ଦେଇଥିଲେ । ୨୧.୮ କିମି ଲମ୍ବର ଏହି ୬ ଲେନ୍ ବିଶିଷ୍ଟ ବ୍ରିଜ୍‌କୁ ମୁମ୍ବାଇ ଟ୍ରାନ୍ସ ହାର୍ବର ସି-ଲିଙ୍କ (ଏମ୍‌ଟିଏଚ୍‌ଏଲ) ମଧ୍ୟ କୁହାଯାଏ । ଏହି ପୋଲର ୧୬.୫ କିମି ଅଂଶ ସମୁଦ୍ର ଦେଇ ଗତି କରୁଛି । ଆଉ ୫.୫ କିମି ସ୍ଥଳଭାଗ ଦେଇ ଯାଇଛି । ଏହା ମଧ୍ୟ ଦେଇ ଦିନକୁ ୭୦ ହଜାର ଗାଡ଼ି ଯାତାୟାତ କରିବ । ଏବେ ୫୦ ହଜାର ଗାଡ଼ି ଯିବାଆସିବା କରିବ ବୋଲି ଆକଳନ କରାଯାଉଛି । ଏମ୍‌ଟିଏଚ୍‌ଏଲ୍‌ର ୱେବସାଇଟ ଅନୁଯାୟୀ ଏହି ପୋଲ ଦ୍ୱାରା ବର୍ଷକୁ ଏକ କୋଟି ଲିଟର ଇନ୍ଧନ ସଞ୍ଚୟ ହେବ । ଏହା ଏକ କୋଟି ଇଭି ଦ୍ୱାରା ଦିନକୁ ସଞ୍ଚୟ ହେଉଥିବା ଇନ୍ଧନ ସହ ସମାନ । ଏହା ସହିତ ପ୍ରଦୂଷଣସ୍ତର ମଧ୍ୟ ହ୍ରାସ୍ ପାଇବ । ଅଙ୍ଗାରକାମ୍ଳ ନିର୍ଗମନ ୨୫, ୬୮୦ ମେଟ୍ରିକ ଟନ୍ କମିବ । ଏହି ପୋଲ ନିର୍ମାଣରେ ୧.୭୮ ଲକ୍ଷ ମେଟ୍ରିକ ଟନ୍ ଷ୍ଟିଲ୍ ଏବଂ ୫.୦୪ ଲକ୍ଷ ମେଟ୍ରିକ ଟନ୍ ସିମେଣ୍ଟ ବ୍ୟବହାର କରାଯାଇଛି । ସେତୁରେ ୪୦୦ ସିସିଟିଭି କ୍ୟାମେରା ଲାଗିଛି । ପକ୍ଷୀ ଏବଂ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ପୋଲରେ ଶବ୍ଦ ନିରୋଧକ ଏବଂ ଆଡଭାନ୍ସ ଲାଇଟିଂ ଲଗା ଯାଇଛି । ଏହି ବ୍ରିଜ୍ ୧୦୦ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ତେବେ ଏହା ମଧ୍ୟ ଦେଇ ବାଇକ-ରିକ୍ସା, ଟ୍ରାକ୍ଟର, ତିନି ଚକିଆ ଗାଡ଼ି ଚଳାଚଳକୁ ଅନୁମତି ଦିଆଯାଇ ନାହିଁ । ସେହିପରି ପୋଲରେ ସର୍ବାଧିକ ୧୦୦ କିମି ବେଗରେ ଗାଡ଼ି ଚଳାଇ ହେବ । ତେବେ ଏହି ନୂଆ ସେତୁ ଦେଇ ଯିବାକୁ ହେଲେ ମହଙ୍ଗା ଟୋଲ୍ ଦେବାକୁ ପଡ଼ିବ । ଯିବା ଆସିବା ପାଇଁ ୩୭୫ ଟଙ୍କା ଦେବାକୁ ପଡ଼ିବ ।

## ‘୨୦୨୮ ସୁଦ୍ଧା ମହାକାଶରେ ଭାରତୀୟ ଷ୍ଟେସନ’

**ଗାନ୍ଧୀନଗର, ୧୨।୧ (ଏଜେନ୍ସି):** ଭାରତ ୨୦୨୮ ସୁଦ୍ଧା ପ୍ରଥମ ମହାକାଶ ଷ୍ଟେସନ ବନାଇବାକୁ ଲକ୍ଷ୍ୟ ରଖିଛି । ୨୦୩୫ ସୁଦ୍ଧା ମନୁଷ୍ୟକୁ ମହାକାଶକୁ ପଠାଇବାକୁ ଚାହୁଁଛି । ଦଶମ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଟରେ ସାମିଲ ହୋଇ ଇସ୍ରୋ ମୁଖ୍ୟ ଏସ୍ ସୋମନାଥ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଭାରତ ମହାକାଶ ଷ୍ଟେସନ ପ୍ରତିଷ୍ଠା ପାଇଁ ବର୍ତ୍ତମାନର ଲଞ୍ଚର କ୍ଷମତା ବ୍ୟବହାର କରିବ । ଏଥିରେ ସଫଳତା ମିଳିବା ପରେ ପରୀକ୍ଷାନିରୀକ୍ଷା ପାଇଁ ମହାକାଶକୁ ବୈଜ୍ଞାନିକଙ୍କୁ ପଠାଯିବ । ଏହି ଷ୍ଟେସନ ଦ୍ୱାରା ଆର୍ଥିକ ଲାଭ ମଧ୍ୟ ମିଳିବ । ବ୍ୟବସାୟିକ କାର୍ଯ୍ୟ ହାସଲ ପାଇଁ ଏହାକୁ ବ୍ୟବହାର କରାଯିବ । ଭବିଷ୍ୟତରେ କେବଳ ପୃଥିବୀରୁ ରଣନୈତିକ କାର୍ଯ୍ୟକଳାପ ପ୍ରସ୍ତୁତ କରାଯିବ ନାହିଁ । ଏଥିପାଇଁ ମହାକାଶ ପ୍ରମୁଖ ଭୂମିକା ନିର୍ବାହ କରିବ ।

### ■ ୧୬ଟି ଛାତ୍ର ସଂଗଠନର ସଂସଦ ଅଭିଯାନ

## ଜାତୀୟ ଶିକ୍ଷାନୀତି ବାତିଲ ଦାବି

**ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଭାରତର ପ୍ରମୁଖ ଛାତ୍ର ସଂଗଠନମାନଙ୍କ ପକ୍ଷରୁ ସଂସଦ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ‘ଶିକ୍ଷା ବଞ୍ଚାଅ- ଜାତୀୟ ଶିକ୍ଷାନୀତି ବାତିଲ କର,ଦେଶ ବଞ୍ଚାଅ- ବିଜେପିକୁ ପ୍ରତ୍ୟାଖାନ କର’ ଆହ୍ୱାନ ଦିଆଯାଇଛି । ଦିଲ୍ଲୀର ଜନ୍ତର ମନ୍ତରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଜାତୀୟ ଶିକ୍ଷାନୀତି - ୨୦୨୦ ଆଢୁଆଳରେ ସମ୍ବିଧାନର ଯୁଗ୍ମ ତାଲିକା ଅନ୍ତର୍ଭୁକ୍ତ ଶିକ୍ଷା ବ୍ୟବସ୍ଥାକୁ କେନ୍ଦ୍ରର ଏକ ଚାଟିଆ ଦଖଲ, ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ପାଠ୍ୟକ୍ରମରେ ଅବୈଜ୍ଞାନିକ ଓ ଅହେତୁକ ବିଷୟର ଅନୁପ୍ରବେଶକୁ ବିରୋଧ କରାଯାଇଛି । ଏହା ସହିତ ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷାରୁ ବଞ୍ଚିତ, ୟୁଜିସିକୁ ଅକାମୀ କରାଇବାର ଷଡ଼ଯନ୍ତ୍ର ବିରୋଧରେ ସ୍ୱର ଉତ୍ତୋଳନ କରି ସାର୍ବଜନୀନ, ବିଜ୍ଞାନ ସମ୍ମତ, ନିଃଶୁଳ୍କ ଶିକ୍ଷା ବ୍ୟବସ୍ଥା ଦାବି କରାଯାଇଛି । ୟୁନାଇଟେଡ଼ ଷ୍ଟୁଡେଣ୍ଟସ୍ ଅଫ୍ ଇଣ୍ଡିଆ ନାମରେ ନାମିତ ଏହି ମଞ୍ଚରେ ଏଆଇଏସ୍‌ଏଫର ଉପ ସଭାପତି କମ୍ରେଡ୍ ସଂଘମିତ୍ରା ଜେନା ଏହାର ଅଧ୍ୟକ୍ଷତା କରିଥିଲେ । ଏଥିରେ ଏଆଇଏସ୍‌ଏଫ୍, ଏସ୍‌ଏଫ୍‌ଆଇ, ଏଆଇଏସ୍‌ଏ, ଡିଏସ୍‌ଏଫ୍,



ସିଆରଜେଡି, ଡିଏମକେ ଛାତ୍ର ସଂଘ, ଏନ୍‌ଏସୟୁଆଇ, ପିଏସ୍‌ଏଫ୍ ଆଦି ଛାତ୍ରସଂଘ ସାମିଲ ହୋଇଥିଲା । ଓଡିଶାର ଏଆଇଏସ୍‌ଏଫ୍ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡା, ଉପସଭାପତି ରାଜାରାମ ଡାଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆ବର୍ଷ-୪୧ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ଶନିବାର ◆୧୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

◆VOLUME- 41 ◆ISSUE-199 ◆BHUBANESWAR ◆SATURDAY ◆13 JANUARY 2024 ◆PAGE-16 ◆₹ 6.00


### ଯାଜପୁରରେ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ ଉଦ୍‌ଘାଟିତ

# 'କଳାକାରମାନେ ଓଡ଼ିଆ ଐତିହ୍ୟର ବାର୍ତ୍ତାବହ'




■ **ଭୁବନେଶ୍ୱର/ବ୍ୟାସନଗର, ୧୨।୧ (ସମିସ):** କଳା ଓ ସ୍ଥାପତ୍ୟର ଭୂମି ଓଡ଼ିଶା ଏବଂ ଏଠାକାର କଳାକାରମାନେ ହେଉଛନ୍ତି ଓଡ଼ିଆ ଐତିହ୍ୟର ବାର୍ତ୍ତାବହ। ଓଡ଼ିଶାକୁ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ସହ ଲୋକଙ୍କୁ ଜୀବନଜୀବିକା ମାଧ୍ୟମ ପ୍ରଦାନ କରିବା ଏବଂ ପୁଞ୍ଜି ନିବେଶକମାନଙ୍କ ପାଇଁ ଏକ ପ୍ରକୃଷ୍ଟ ସ୍ଥାନରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ନିଷ୍ଠାପର ଉଦ୍ୟମ କରୁଛନ୍ତି। ଶୁକ୍ରବାର ଯାଜପୁରରେ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଆଭାସୀ ମାଧ୍ୟମରେ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏକ ବୃହତ୍ ପର୍ଯ୍ୟଟନସ୍ଥଳରେ ପରିଣତ ହେବା ଲାଗି ଯାଜପୁରରେ ବିସ୍ତୃତ ସମ୍ଭାବନା ରହିଛି। ଆମର ବୁଣାକାରମାନଙ୍କ ଅନନ୍ୟ ସୃଷ୍ଟିରେ ଓଡ଼ିଶାର ସଭ୍ୟତାଗତ ଯାତ୍ରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। ଆମର ଦକ୍ଷ କଳାକାରମାନଙ୍କ ଦକ୍ଷତା ଓ ଶିଳ୍ପ କୌଶଳ ଏକ ଅଲିଭା ଛାପ ଛାଡ଼ି ଯାଇଛି, ଯାହା ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ଦେଖାଯାଇ ପାରିବ। ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଆମର କଳା, ସ୍ଥାପତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ଜାତୀୟ ଓ ଅନ୍ତର୍ଜାତୀୟ ଅତିଥିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଶାସନ ବ୍ୟବସ୍ଥାର ମୂଳମନ୍ତ୍ର '୫-ଟି' ଉପକ୍ରମରେ ଅନ୍ତର୍ନିହିତ। ସମନ୍ୱିତ ବିକାଶ ଓ ଅନ୍ତର୍ଭୁକ୍ତୀକରଣ ପାଇଁ ଆମର 'କେହି ପଛରେ ରହିବେ ନାହିଁ' ପ୍ରତିବଦ୍ଧତାକୁ '୫-ଟି' ମଡେଲ ବଳ ▶ପୃଷ୍ଠା-୧୪

### କଳାହାଣ୍ଡି ଓ ସମ୍ବଲପୁରରେ ଲୋକଙ୍କୁ '୫-ଟି' ଅଧ୍ୟକ୍ଷଙ୍କ ବିକାଶ ହିସାବ

# ଲୋକମତ ଆଧାରରେ ୨ ଜିଲ୍ଲାରେ ୮୯୫ କୋଟି ଟଙ୍କାର କାମ ଆରମ୍ଭ

**'୫-ଟି' ଉପକ୍ରମ ଆଧାରରେ ଧାର୍ଯ୍ୟ ଅବଧି ମଧ୍ୟରେ ସରିବ ପ୍ରକଳ୍ପ କାର୍ଯ୍ୟ**

**କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ଖୋଲିବ ଡିଗ୍ରୀ କଲେଜ**

**'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ଦେଲେ ସଫଳତାର ସରଳ ସୂତ୍ର**

**ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଓ ପାନୀୟ ପ୍ରକଳ୍ପର ସମୀକ୍ଷା**



■ **ଭବାନୀପାଟଣା / ସମ୍ବଲପୁର, ୧୨।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କଳାହାଣ୍ଡି ଓ ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିବା ସହିତ ଲୋକଙ୍କୁ ଦେଇଛନ୍ତି ବିକାଶମୂଳକ କାର୍ଯ୍ୟର ହିସାବ। ଭବାନୀପାଟଣାରେ ଶ୍ରୀ କୃଷ୍ଣନଗର ପଡିଆ, ସମ୍ବଲପୁରର ବରେଇପାଲି ଓ ରେଙ୍ଗାଲି ଠାରେ ଆୟୋଜିତ ସାଧାରଣ ସଭାରେ ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଛନ୍ତି, ସେମାନଙ୍କ ଜିଲ୍ଲାରେ ଗତ କିଛି ମାସ ମଧ୍ୟରେ ଆରମ୍ଭ ହୋଇଥିବା ଉନ୍ନୟନ କାର୍ଯ୍ୟର ସୂଚନା ଦେଇଛନ୍ତି ଏବଂ 'ନୂଆ ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ ମଧ୍ୟ କରିଛନ୍ତି। ଗତବର୍ଷ ମେ ମାସରେ କଳାହାଣ୍ଡି ଏବଂ ଜୁଲାଇ ମାସରେ ସମ୍ବଲପୁର ଗସ୍ତ କରି ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବା ପରେ ଏଥିରୁ ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି ସମୟରେ ଦୁଇ ଜିଲ୍ଲାର ଲୋକଙ୍କ ଠାରୁ ମିଳିଥିବା ପ୍ରସ୍ତାବ ଆଧାରରେ ୮୯୫ କୋଟି ଟଙ୍କାର କାମ ଆରମ୍ଭ ହୋଇଛି।

ଆଜି ପୂର୍ବାହ୍ନରେ ଶ୍ରୀ ପାଣ୍ଡିଆନ୍ କଳାହାଣ୍ଡିରେ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂଆ ହସ୍ପିଟାଲ କୋଠା, ଭବାନୀପାଟଣା ସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲରେ କ୍ୟାନସର କେୟାର ସେଣ୍ଟରର ନିର୍ମାଣ କାର୍ଯ୍ୟ ବୁଲି ଦେଖିଛନ୍ତି। ଏସବୁ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୭୫ କୋଟି ବ୍ୟୟ କରୁଛନ୍ତି। ୫-ଟି ଉପକ୍ରମ ଅନୁସରଣ କରି ନିର୍ଦ୍ଧାରିତ ସମୟ ଭିତରେ କାମ ଶେଷ କରିବା ପାଇଁ ଶ୍ରୀ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପରେ ସେ ମା' ଲଙ୍କେଶ୍ୱରୀ ମନ୍ଦିର, ବେଲଖଣ୍ଡି ମନ୍ଦିର, ମାଣିକେଶ୍ୱରୀ ମନ୍ଦିର, ଥୁଆମୂଳ ରାମପୁରରେ ଜଗନ୍ନାଥ ମନ୍ଦିର, ଧର୍ମଗଡ଼ ମା' ଭଣ୍ଡାରଘରଣୀ ମନ୍ଦିର, ଆମପାଣି ଠାରେ ବୁଢ଼ାରଜା ମନ୍ଦିରର ବିକାଶ କାର୍ଯ୍ୟ ▶ପୃଷ୍ଠା-୧୪

## ଲୋକକଥା



ଗୁଡ଼ିଉଡ଼ା ପ୍ରାଣ ଗୋଟେଇ ନଉଚି
ବେକ କାଟେ ମାଞ୍ଜା ସୂତା,
କାହାପାଇଁ ଖେଳ କାହା ପାଇଁ କାଳ
ବାଟୋଇଙ୍କ ବଢ଼େ ଚିନ୍ତା !
ହେଜ ହେ ଶାସନ କର୍ତ୍ତା,
ଗୁଡ଼ି ପାଇଁ ହେଉ କଟକଣା ଲାଗୁ
ନ ଗଡୁ କାହାର ମଥା !!

### ଓଡ଼ିଶା ସରକାରଙ୍କ କଲ୍ୟାଣକାରୀ ଯୋଜନାର ପ୍ରଚାର

# ବିଜେପି ନେତାଙ୍କ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ

■ **ନୂଆଦିଲ୍ଲୀ,୧୨।୧(ସମିସ):** ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାର 'ଲୋଗୋ' ଉପରେ ଆପତ୍ତି ଉଠାଇ ଅପଦସ୍ତ ହୋଇଛି ବିଜେପି। ବିଜେପି ନେତାଙ୍କ ଏହି ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେବା ସହ ଏହି ମାମଲାର ଶୁଣାଣି ନିମନ୍ତେ ଓଡ଼ିଶା ହାଇକୋର୍ଟ ଉପଯୁକ୍ତ ଫୋରମ୍ ବୋଲି ପରାମର୍ଶ ଦେଇଛନ୍ତି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାରରେ ଓଡ଼ିଶା ସରକାର ବିଜୁ ଜନତା ଦଳର ଦଳୀୟ ଚିହ୍ନ 'ଶଙ୍ଖ' ବ୍ୟବହାର କରୁଥିବା ଅଭିଯୋଗ କରି ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଦିଲ୍ଲୀ ହାଇକୋର୍ଟରେ ଏକ ପିଟିସନ ଦାୟର କରିଥିଲେ। ଏହି କାରଣ ପାଇଁ ବିଜେଡି ବିରୋଧରେ ନିର୍ବାଚନ ଆୟୋଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ମଧ୍ୟ ଗୁହାରି କରିଥିଲେ ।

କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନ ଓ ଅନ୍ୟତମ ବିଚାରପତି ମନମିତ୍ ପ୍ରୀତମ ସିଂହଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଆବେଦନକାରୀଙ୍କର ଯାହା ବି ଅଭିଯୋଗ ରହିଛି, ତାହାକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଯାଆନ୍ତୁ ଓ ସେଠାରେ ଏହି ପ୍ରସଙ୍ଗ ଉଠାନ୍ତୁ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ହେଉଛି ଏହି ମାମଲାର ବିଚାର ପାଇଁ ଉପଯୁକ୍ତ ଫୋରମ୍। ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ପ୍ରତ୍ୟେକ ରାଜ୍ୟର କାହାଣୀ । ଏହା ସବୁ ସ୍ଥାନରେ ଘଟୁଛି। କେବଳ ଗୋଟିଏ ରାଜ୍ୟ ପାଇଁ ▶ପୃଷ୍ଠା-୧୪


୫ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ଓଁ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ପାଞ୍ଚ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ବଉ କୁ ଭଲ ରେ ରଖିଛୁ, ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଚଗୁଲୁ,
ନିନି, ବଣ୍ଟି, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନା, ସୁନୁ, ବେବି



ଓଁ ଶ୍ରୀ ସାଇନାଥାୟ ନମଃ
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଓଁ ଦ୍ୱାରିକା ମୋହନ ମିଶ୍ର
ଆବିର୍ଭାବ: ୨୦.୦୧.୧୯୩୪ । ତିରୋଧାନ: ୨୫.୧୨.୨୦୨୨

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ହୃଦୟରୁ କୃତଜ୍ଞତା ସହ
ଶାନ୍ତିବର୍ଦ୍ଧନ ମିଶ୍ର, ଜୟବର୍ଦ୍ଧନ ମିଶ୍ର ଓ ପରିବାର ବର୍ଗ ।
ତା. ୧୩.୦୧.୨୦୨୪ (ଶନିବାର)
ପ୍ରସାଦସେବନ ଓ ନାରାୟଣ ସେବା ଦିବା ୧୨ ଘଟିକା
ସ୍ଥାନ: ଦତ୍ତାତ୍ରେୟ ସାଇ ଆଶ୍ରମ, କପିଳାସ, ଢେଙ୍କାନାଳ

# 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଅସ୍ତରଙ୍ଗ, ୧୨ ।୧(ସମିସ)




ଅସ୍ତରଙ୍ଗ ବ୍ଲକରେ ୨୯ ତାରିଖରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ 'ଯୁବ ଓଡ଼ିଶା ନବୀନ ଓଡ଼ିଶା'କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅସ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡ଼ିଓ କାମଦେବ ସମାଦର ସରକାରଙ୍କ ତରଫରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳରେ ଥିବା ଲୁକାୟିତ ପ୍ରତିଭା ଚିହ୍ନଟ କରିବାରେ ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମ ଶେଷରେ ସଫଳ ପ୍ରତିଯୋଗୀ ଦଳକୁ ମାନପତ୍ର, ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । କବାଡିରେ ଚାମ୍ପିଅନ ଅସ୍ତରଙ୍ଗ ପଞ୍ଚାୟତର ଅଧିନାୟକ ଲିପୁନ୍ କାଣ୍ଡି, କୋରଣା ପଞ୍ଚାୟତର ରନର୍ସ ଟିମ୍ ଅଧିନାୟକ ସତ୍ୟଜିତ ରାଉତ, ସୁପରସେଭେନ୍ ମ୍ୟାଚ୍‌ରେ କୋରଣାର ରାକେଶ ରାଉତ, ଭଲିବଲ୍ ପ୍ରତିଯୋଗିତାରେ ବାଙ୍ଗୁରି ଗାଁ ପଞ୍ଚାୟତର ମା' ମଙ୍ଗଳା ଭଲିବଲ୍ ଟିମ୍ ଚମ୍ପିୟାନ ହୋଇଥିଲା ବେଳେ ତାର ଅଧିନାୟକ ପବିତ୍ର କୁମାର ସାହୁ, ରନର୍ସ ଟିମ୍ କୋରଣା ପଞ୍ଚାୟତର ବସନ୍ତ କାଣ୍ଡି, ତୃତୀୟ ସ୍ଥାନରେ ଥିବା ଶିଶୁଅ ପଞ୍ଚାୟତର ବଜରଙ୍ଗୀ ୱାରିୟର ଓ ୪ର୍ଥ ସ୍ଥାନରେ ମାଣ୍ଡୁକି ପଞ୍ଚାୟତର ଷ୍ଟୁଡେଣ୍ଟ ଇଲେଭେନ ଭଲିବଲ୍ ଟିମ୍ ସଫଳତା ପାଇଛି । ସେହିପରି କ୍ରିକେଟରେ ନଗର ପଞ୍ଚାୟତ, ରନର୍ସ ଟିମ କେନ୍ଦ୍ରାପାଟି ପଞ୍ଚାୟତର ଅସ୍ତରଙ୍ଗ ଇଲେଭେନ୍, ତୃତୀୟ ସ୍ଥାନରେ ନଇଗୁଆଁ ପଞ୍ଚାୟତର ଅସ୍ତରଙ୍ଗ ଇଲେଭେନ୍-୭ ଓ ୪ର୍ଥ ସ୍ଥାନରେ ଆଳଙ୍ଗପୁର ପଞ୍ଚାୟତର ଷ୍ଟାର୍ ଇଲେଭେନ୍ ସଫଳତା ହାସଲ କରିଥିବାରୁ ଉଦଯାପନୀ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟକ୍ରମର ସଭାପତି ତଥା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଝରଣା ସେଠୀ, ଏବିଇଓ ରାଜଲକ୍ଷ୍ମୀ ପାତ୍ର, କ୍ରୀଡା ଶିକ୍ଷକ ଚିନ୍ମୟ ପ୍ରଧାନ, ଧରଣୀଧର ମହାନ୍ତି ମଞ୍ଚାସିନ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବ ସଭା କାର୍ଯ୍ୟରେ ଅସ୍ତରଙ୍ଗ ହାଇସ୍କୁଲର ପୂର୍ବତନ ସଂସ୍କୃତ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ ଅତିଥିଙ୍କର ପରିଚୟ ପ୍ରଦାନ କରିବା ସମେତ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ସମିତିସଭ୍ୟ ଦିବାକର ଛାଟୋଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ ।

## ଅର୍ପଣ ରଥକୁ ବିପୁଳ ସମ୍ବର୍ଦ୍ଧନା




**ନୟାହାଟ, ୧୨ ।୧(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ନୂଆପାଟଣା, ସିଙ୍ଗିପାନିଆ ଓ ଭୁରୁଭୂରା ଗ୍ରାମରେ ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ବିପୁଳ ସମ୍ବର୍ଦ୍ଧନା କରାଯାଇଥିଲା । ଶ୍ରଦ୍ଧାଳୁ ମହିଳାମାନେ ଗାଁ ଦାଣ୍ଡରେ ବିଭିନ୍ନ ପ୍ରକାର ଝୋଟି ଚିତା ପକାଇ କଳସ ବସାଇ ଦୀପ ଜାଳି ଗୁଆ, ଚାଉଳ ଅର୍ପଣ କରିଥିଲେ । ରଥ ପରିକ୍ରମାରେ ପୂର୍ବତନ ସତପଞ୍ଚ ପ୍ରଣୟ କୁମାର ସାହୁ, ବର୍ତ୍ତମାନ ସରପଞ୍ଚ ପ୍ରଭାତୀ ସାହୁ, ପଞ୍ଚାୟତ ବିଜେଡି ସଭାପତି କାହ୍ନୁଚରଣ ସାହୁ, କାଶୀନାଥ ନାୟକ, ମନୋଜ କୁମାର କାଣ୍ଡି, ରଥିଆ ମଲ୍ଲିକ, କାର୍ତ୍ତିକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ



**ଗୋପ, ୧୨।୧(ସମିସ):** ଗୋପ ବ୍ଲକ ଅଧିନ ରାହାଙ୍ଗଗୋରଡ଼ା ପଞ୍ଚାୟତ ସ୍ଥିତ ରଙ୍କୋଇ ଠାରେ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ । ପୂର୍ବରୁ ରଙ୍କୋଇ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ପରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଏହି ଗ୍ରାମରେ ଥିବା ୬୨ଟି ପରିବାର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୫୪ ଲକ୍ଷ ୬୮ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଶୁକ୍ରବାର ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ହେମନ୍ତ ଛୋଟରାୟ, ପ୍ରମୋଦ ମହାପାତ୍ର, ଠିକାଦାର ବୈକୁଣ୍ଠ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ଯୁବ ଦିବସ ପାଳିତ



**ନିମାପଡ଼ା, ୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ନିମାପଡ଼ା ସହୀଦ ସ୍ମୃତି ସଂସଦ ପଡ଼ିଆରେ ଅଗ୍ରଣୀ ଯୁବ ସଂଗଠନ ଜାଗ୍ରତ ଯୁବ ଶକ୍ତି ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗାସନ, ବାୟାମ, କ୍ରୀଡା ଶିବିର ଆୟୋଜନ କରାଯାଇଥିଲା । ନିମାପଡ଼ା ପତଞ୍ଜଳି ଯୋଗ ସମିତି ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଯୁବଯୋଗ ପ୍ରଶିକ୍ଷିତ ଫାଲଗୁନୀ ସାହୁ ଯୋଗାଭ୍ୟାସ କରାଇଥିଲେ । ଯୁବ କ୍ରୀଡାବିତ୍ ବିସ୍ମୟ କାନ୍ତ ସାହୁଙ୍କ ଦ୍ୱାରା ଯୁବକ ମାନଙ୍କୁ ନେଇ ବିଭିନ୍ନ କ୍ରୀଡା, ନୈପୁଣ୍ୟ ପ୍ରଦର୍ଶନ କରାଯାଇଥିଲା । ଦିଶା ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଭାତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସ୍ୱାମୀ ବିବେକାନନ୍ଦଙ୍କର ଜୀବନୀ ଦର୍ଶନ ଉପରେ ମନ୍ତବ୍ୟ ରଖିଥିଲେ । ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃଷ୍ଣ ମୋହନ ବେହେରା, ଦଣ୍ଡପାଣି ସାହୁ, ସତ୍ୟନାରାୟଣ ମିଶ୍ର, ଆଦିତ୍ୟ ନାରାୟଣ ସାହୁ, ଆଶିଷ ଜେନା, ରଶ୍ମିରଞ୍ଜନ ଜେନା, ଜାଗ୍ରତ ଯୁବ ଶକ୍ତିର ଆବାହାକ ଆଦର୍ଶ ଦାଶ, ସଂଯୋଜକ ସମୀର ରଞ୍ଜନ ରାଉତରାୟ ପ୍ରମୁଖ ବହୁ ଛାତ୍ର ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ଏହି ଅବସରରେ ଆଜିର ଯୁବ ଶକ୍ତିକୁ ନିଶା ମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଯାଇଥିଲା ।

## ବୁଲିଲା ଭୋଟର୍ ସଚେତନତା ରଥ

**ଅସ୍ତରଙ୍ଗ, ୧୨ ।୧ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ ସରଳ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ରେ ପ୍ରତି ଗାଁରେ ବୁଲୁଛି ଭୋଟର ସଚେତନତା ରଥ । ଜାନୁଆରୀ ୧୦ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବ୍ଲକର ସମସ୍ତ ମତଦାନ କେନ୍ଦ୍ରକୁ ଯାଇ ଭୋଟରଙ୍କୁ ଭୋଟ ଦେଲା ବେଳେ କିପରି ଇଭିଏମ ମେସିନ ଏବଂ ଭିଭି ପ୍ୟାଡ଼ର ବ୍ୟବହାର କରିବେ ଏହି ସଚେତନତା ଗାଡ଼ିରେ ଡେମୋ ଦେଖାଇ ଭୋଟରଙ୍କୁ ଅବଗତ କରାଯାଉଛି । ଜାନୁଆରୀ ୧୦ତାରିଖରୁ ଆରମ୍ଭ ହୋଇଥିବା ସଚେତନା ଗାଡି ୨୯ଫେବୃଆରୀରେ ସାରିବାକୁ ଥିବା ବେଳେ ୧୩ତାରିଖ ସୁଦ୍ଧା ୧୨ଟି ଗାଁ କୁ ବୁଲିସାରାଣୀ । ବ୍ଲକ ପରିସର ହୋଇଥିବା ଉଦଘାଟନ ଉତ୍ସବ ରେ ବ୍ଲକ ବିଡ଼ିଓ କର୍ଣ୍ଣଦେବ ସମାଦାର, ଏଇଇ ଶୁଭେନ୍ଦୁ କୁମାର ନାୟକ, ବିଏଫଓ ଶଶାଙ୍କ ଶେଖର ସେଠି, ବିଏସଏସ ସରିତା ମୁର୍ମୁ, ପିଇଓ ସୁବଳ ଜେନା, ଅଧିରାଜ ଲେଙ୍କାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ପ୍ରତିଦିନ ୩ଜଣ ବ୍ଲକ ଷ୍ଟାଫ ଏବଂ ଜଣେ ପୋଲିସ କର୍ମଚାରୀ ଗାଡି ସହିତ ଗାଁକୁ ଗାଁ ବୁଲି ଭୋଟରରଙ୍କୁ ସଚେତନତା କରୁଛନ୍ତି ।

## ଚାରିଛକ ଥାନାର ବର୍ଷ ପୂର୍ତ୍ତି

# ଥାନା ଅଧିକାରୀଙ୍କୁ ଚାରିଛକ ଗୌରବ ସମ୍ମାନ

ନୟାହାଟ, ୧୨ ।୧(ସମିସ): ପୁରୀ ଜିଲ୍ଲା ଚାରିଛକ ଥାନାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରିଛକ ପ୍ରେସ କ୍ଲବ ସଭାପତି ଶିଶିର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କୁ ଚାରିଛକ ଗୌରବ - ସମ୍ମାନରେ ସମ୍ମାନିତ କରାଯାଇଛି । ଥାନା ଅଧିକାରୀ ଶ୍ରୀମତୀ ବିଶ୍ୱାଳ ଏକ ବର୍ଷ ମଧ୍ୟରେ ଚାରିଛକ ଅଞ୍ଚଳରେ ଆଇନି ଗତ ସମସ୍ୟା ସୁଧାରିବା ସହ ଟ୍ରାଫିକ ଜନିତ ସମସ୍ୟା ସହିତ ସଡ଼କ ସୁରକ୍ଷା ଉପରେ ସମସ୍ୟା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛନ୍ତି । ଥାନାର ଏକ ବର୍ଷ ପୂର୍ତ୍ତି ବର୍ଷିକ ଉତ୍ସବରେ ଥାନାର ଅଧିକାରୀ ମମତା ବିଶ୍ୱାଳଙ୍କୁ ଚାରିଛକ ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଛି । କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସମ୍ପାଦକ ଡକ୍ଟର କେଦାରନାଥ ସାହୁ, ଉପଦେଷ୍ଟା ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ସମାଜସେବୀ ସନାତନ ପାତ୍ର, ସହ ସମ୍ପାଦକ ସନ୍ତୋଷ କୁମାର ଦାସ, ପ୍ରତାପ କୁମାର ମଲ୍ଲିକ, ଶଶିକାନ୍ତ ତ୍ରିପାଠୀ, ବସନ୍ତ କୁମାର ମଲ୍ଲ, ବିନୋଦ ପ୍ରଧାନ, ମୃତ୍ୟୁଞ୍ଜୟ ମହାପାତ୍ର, ଶରିତାଞ୍ଜଳି ନାୟକ, ଉମାକାନ୍ତ ଭୋଇ ଯୋଗ ଦେଇ ସହଯୋଗ କରିଥିଲେ । ନରେଶ କୁମାର ପଟ୍ଟନାୟକ ଓ ରଶ୍ମିରଞ୍ଜନ ସାହୁ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ ।



# ଅର୍ପଣ ରଥକୁ ଭକ୍ତିମୟ ପରିବେଶରେ ସ୍ୱାଗତ



କୃଷ୍ଣପ୍ରସାଦ, ୧୨ ।୧ସମିସ)

ପୁରୀ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଆସନ୍ତା ୧୭ ତାରିଖରେ ହେବ । ଏଥିଲାଗି ପ୍ରତି ଗାଁରେ ବୁଲୁଥିବା ଅର୍ପଣ ରଥକୁ ସବୁଠାରେ ଭବ୍ୟ ସ୍ୱାଗତ କରାଯାଉଛି । ରଥ ପରିକ୍ରମା ବେଳେ ନାମ ସଂକୀର୍ତ୍ତନ ଏବଂ ହୁଳହୁଳିରେ ପ୍ରକମ୍ପିତ ହେଉଛି ଗାଁ ଦାଣ୍ଡ । କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା, କୃଷ୍ଣପ୍ରସାଦ, ବଡ଼ଅଁଳ, ତିତିପ ଆଦି ପଞ୍ଚାୟତରେ ଅର୍ପଣ ରଥକୁ ଲୋକମାନେ ଉତ୍ସାହର ସହିତ ସ୍ୱାଗତ କରିବା ସହିତ ବିଭିନ୍ନ ମୁଖ୍ୟ ସ୍ଥାନ, ଘର ସମ୍ମୁଖରେ ବିଭିନ୍ନ ରଙ୍ଗର ମୁରୁଜ, ଝୋଟି ପକାଇ ଘିଅ ଦୀପ ପୁଷ୍ପ ଅର୍ପଣ ଦେଇ ପରମ୍ପରା ସଂସ୍କୃତିକୁ ମନେ ପକାଇବା ସହିତ ଅକ୍ଷତ ଓ ଗୁଆ ପ୍ରଦାନ କରିଥିଲେ । ନୋଡ଼ାଲ ଅଧିକାରୀ ବିନୋଦ ବିହାରୀ ପୁହାଣ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ତିତିପ ସରପଞ୍ଚ ମିତା ପାହାଣ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାସ୍କେ, ପଙ୍କଜରାଜ ମିଞ୍ଜ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ, ଦିଲ୍ଲୀପ କୁମାର ତରେଇ, ପଞ୍ଚାନନ ପୂଜାରୀ ଯୋଗ ଦେଇଥିବା ଜଣାପଡ଼ିଛି ।

## ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କଟକ ବିଶ୍ୱ ଭାରତୀ କ୍ଲବ୍



ନିମାପଡ଼ା, ୧୨।୧(ସମିସ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟସ୍ତରୀୟ ୨୮ ତମ ନିମାପଡ଼ା କପ୍ ତଥା କିଶୋର ପଣ୍ଡା କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ୟୁଆଣ୍ଡମି ବାଲେଶ୍ୱର କ୍ଲବକୁ ୬୪ ରନରେ ହରାଇ ବିଶ୍ୱ ଭାରତୀ କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି । ୩୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବିଶ୍ୱ ଭାରତୀ କ୍ଲବ ପ୍ରଥମେ ବ୍ୟାଟିଂ କରି ସମସ୍ତ ୱିକେଟ ହରାଇ ୧୯୬ରନ ସଂଗ୍ରହ କରିଥିଲା । ୧୯୭ ରନ ବିଜୟ ଲକ୍ଷ୍ୟର ପିଛା କରି ୟୁଆଣ୍ଡମି ଦଳ ମାତ୍ର ୨୪.୧ ଓଭରରେ ୧୩୨ରନ ସଂଗ୍ରହ କରି ସମସ୍ତ ଖେଳାଳି ଆଉଟ୍ ହୋଇ ଯାଇଥିଲେ । ମ୍ୟାଚ୍‌ରେ ବିଶ୍ୱ ଭାରତୀର ବିନାୟକ ପ୍ରସାଦ ସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଖେଳକୁ ସତ୍ୟେନ୍ଦ୍ର ମୋହନ ମହାନ୍ତି ଓ ଅଭିନନ୍ଦନ ପାତ୍ର ପରିଚାଳନା କରିଥିଲେ । ଅତିଥିଭାବେ ୱାଟକୋର ଜେନେରାଲ ମ୍ୟାନେଜର ଶଶୀଭୂଷଣ ମହାନ୍ତି, ସମ୍ମାନିତ ଅତିଥିଭାବେ କାଉନସିଲର ରାଜକିଶୋର ସାହୁ, ଆସୋସିଏସନର କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା, ସମୀର ନାୟକ ଯୋଗ ଦେଇଥିଲେ ।

## ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ସ୍ମୃତିସଭା

**କାକଟପୁର/ଗମ୍ଭାରିପଦା, ୧୨ ।୧(ସମିସ):** କାକଟପୁର ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଅଣବନ୍ଧୀ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଅର୍ଜୁନ ଦାଶଙ୍କ ସ୍ମୃତିସଭା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟଅତିଥି ପୁରୀ ଜିଲ୍ଲା ଉପନିବନ୍ଧକ ପ୍ରଭାତ କୁମାର ତରାଇ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ମଦନଧର ମହାନ୍ତି, ସମ୍ମାନିତ ଅତିଥି, ଗାନ୍ଧୀବାଦୀ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ସମ୍ପାଦକ ନିରୋଦ ମହାନ୍ତି, ସମାଜସେବୀ କ୍ଷିରୋଦ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ କଟକଣା ଗ୍ରାପର ସମିତି ସଭ୍ୟା ପ୍ରଭାତୀ ବିଶ୍ୱାଳ, ପ୍ରମୁଖ ଯୋଗଦେଇ ନାରୀ ଶିକ୍ଷାର ଅଗ୍ରଦୂତ, ସମାଜ ସଂସ୍କାରକ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଦାଶଙ୍କ ତତ୍‌କାଳୀନ ସାମାଜିକ ସଂସ୍କାର, ନାରୀ ଶିକ୍ଷା ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ ।ବରିଷ୍ଠ ଶିକ୍ଷକ ବିଶ୍?ଜିତ୍ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।ସ୍କୁଲର ମେଧାବୀ ଛାତ୍ରୀ ମାନଙ୍କୁ ଅର୍ଜୁନ ଦାଶ ସ୍ମୃତି କମିଟି ପକ୍ଷରୁ ପ୍ରମାଣପତ୍ର ଓ ପୁରସ୍କୃତ କରାଯାଇଥିଲା । ସଭାରେ ଶିକ୍ଷୟିତ୍ରୀ ଶର୍ମିଷ୍ଠା ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡାକ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କୁଣ୍ଡେଇ, ୧୨ ।୧(ସମିସ):** କୁତାମଚଣ୍ଡି ମନ୍ଦିର ପରିସରରେ ରବିବାର ଓଥାକା ଶାଖା ଡାକଘର ଏବିପିଏମ୍ ମନମୋହନ ସାହୁ ଏବଂ କୃଷ୍ଣନଗର ପାଟଣା ପୂର୍ବତନ ବିପିଏମ ନିର୍ମାଲ୍ୟ ସ୍ୱାଇଁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନିମାପଡ଼ା ଉପଡ଼ାକମଣ୍ଡଳ ଡାକ ନିରୀକ୍ଷକ ଶୁଭାଶିଷ ଆଚାର୍ଯ୍ୟ ଯୋଗଦେଇଥିଲେ । କାକଟପୁର ଉପଡ଼ାକଘରର ସବ୍ ପୋଷ୍ଟମାଷ୍ଟର ପବିତ୍ର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାକଟପୁର ଉପଡ଼ାକଘର ପୋଷ୍ଟାଲ ଆସିଷ୍ଟାଣ୍ଟ ଅନନ୍ତ କୁମାର ସାହୁ, ପୋଷ୍ଟାଲ ଆସିଷ୍ଟାଣ୍ଟ ସୁବାଷ ଚନ୍ଦ୍ର ବାରିକ, ପୋଷ୍ଟମ୍ୟାନ ପ୍ରମୋଦ କୁମାର ଓଝା, ଏସ୍‌କେ ଗଫାର, ତରୁଣକାନ୍ତ ସ୍ୱାଇଁଙ୍କ ସମେତ କାକଟପୁର ଉପଡ଼ାକଘର ଅଧିନରେ ଥିବା ୭ଟି ଗ୍ରାମୀଣ ଡାକସେବକ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।



## ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତା



**କୃଷ୍ଣପ୍ରସାଦ, ୧୨ ।୧(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ଏନ୍‌ଆର ଫାଉଣ୍ଡେସନ ସାତପଡ଼ାର ତୃତୀୟ ସ୍ୱନକ୍ଷେତ୍ର ଉତ୍ସବ ସାତପଡ଼ା ବିଦ୍ୟାଳୟ କ୍ରୀଡାଙ୍ଗନରେ ଉଦ୍‌ଘାଟିତ ହୋଇଯାଇଛି । ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଚାଟାଡ଼ ଆକାଉଟାଣ୍ଟ ଦିବାକର ପ୍ରସାଦ ହରିଚନ୍ଦନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ରମାଦେବୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ସରୋଜ ଲକ୍ଷ୍ମୀ ସିଂ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଚାଟାଡ଼ ଆକାଉଟାଣ୍ଟ ବିପିନ ବିହାରୀ ପାଢ଼ୀ, ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ ଡ଼ଃ ଅଭିମନ୍ୟୁ ଜେନା, ସମ୍ମାନୀତ ଭାବେ ବ୍ରହ୍ମଗିରି ବ୍ଲକ ପୂର୍ବତନ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ରାୟ, ପୂର୍ବତନ ଅଧ୍ୟକ୍ଷ ଅଧିକାରୀ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ପ୍ରସନ୍ନ କୁମାର ବରାଳ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ଲେଙ୍କା, ସାତପଡ଼ା ସରପଞ୍ଚ ରଶ୍ମିତା ସାମନ୍ତରାୟ, ସମିତିସଭ୍ୟା ରୋଜାଲିନି ପ୍ରଧାନ ଯୋଗଦେଇ ଥିଲେ । ଏହି ଅବସରରେ ସାରସ୍ୱତ ସାହିତ୍ୟ ସଂସଦର ବାର୍ଷିକ ସାହିତ୍ୟ ପତ୍ରିକା ସୃଜନୀ ଅତିଥିଙ୍କ କରକରେ ଅନାବରଣ କରାଯାଇଥିଲା । ଏହି ପ୍ରତିଯୋଗିତାରେ ରାଜ୍ୟ ବିଭିନ୍ନ ଜିଲ୍ଲାରୁ ୬ଗୋଟି ଦଳ ଭାଗ ନେଇଛନ୍ତି । ଅପରାହ୍ନ ୪ଟାରେ ଖେଳ ଆରମ୍ଭ ହୋଇଥିବା ବେଳେ ରାତ୍ର ୧୨ ଘଟିକା ଯାଇ ପ୍ରତିଯୋଗିତା ଚାଲିବ ବୋଲି ଜଣାପଡ଼ିଛି । ସାହିତ୍ୟ ସଂସଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ସମ୍ପାଦକ ରବୀନ୍ଦ୍ର କୁମାର ମାଝୀ, ଲକ୍ଷ୍ମୀଧର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ଦୁଇ ଦିନ ଧରି ହେବାକୁ ଥିବା ଖେଳ ଶନିବାର ଉଦ୍‌ଯାପନ ହେବ ।

# ଖାଦ୍ୟ ଆୟୋଗ ସଦସ୍ୟଙ୍କ ସାମଗ୍ରୀ ବିତରଣ କେନ୍ଦ୍ର ପରିଦର୍ଶନ

ଡେଲାଙ୍ଗ, ୧୨।୧(ସମିସ)



ଡେଲାଙ୍ଗ ବ୍ଲକର ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ସୁଲଭ ସମଗ୍ରୀ ବଣ୍ଟନ କେନ୍ଦ୍ରକୁ ରାଜ୍ୟ ଖାଉଟି ଆୟୋଗ ସଦଶ୍ୟ ପ୍ରିୟବ୍ରତ ସାମନ୍ତରାୟ ଗୁରୁବାର ପରିଦର୍ଶନ କରିଥିଲେ । ଶ୍ରୀ ସାମନ୍ତରାୟ ହରିରାଜପୁର, ସିଂହବ୍ରହ୍ମପୁର, ଗଡ଼ମୋଟରୀ, ସୁଜନପୁର, ମୁନିନ୍ଦା, ଡେଲାଙ୍ଗ- କୋଠବାଡ ପଞ୍ଚାୟତରେ ଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ସମେତ ଆଙ୍ଗନବାଡି କେନ୍ଦ୍ରକୁ ଯାଇ କୋମଳମତି ଶିଶୁମାନଙ୍କୁ ଦିଆଯାଉଥିବା ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ ।

ସେହିପରି ସୁଲଭ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ହିତାଧିକାରୀଙ୍କ ଠାରୁ ମତାମତ ସଂଗ୍ରହ କରିଥିଲେ । ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦଦେବା ଓ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ସାମନ୍ତରାୟ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ଗୁଡିକରେ ସ୍ୱଚ୍ଛତା, ସୁଦ୍ଧପାନୀୟ ଜଳ, ଉପସ୍ଥାନା ଖାତା, ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ପ୍ରଭୃତି ପରକ୍ଷିଥିଲେ ।ସେହିପରି ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ହରିରାଜପୁର ୧ ଅଙ୍ଗନବାଡି କେନ୍ଦ୍ର ଦିବା ୧୦.୩୦ ପର୍ଯ୍ୟନ୍ତ ମଧ ଖୋଲାଯାଇନଥିଲା । ଶ୍ରୀ ସାମନ୍ତରାୟ ୧ ଘଣ୍ଟା ଅପେକ୍ଷା କରିବା ପରେ ଅଙ୍ଗନବାଡି କର୍ମୀଙ୍କୁ ଖବର ଦେବାରେ ସେ ଆସି ଅଙ୍ଗନବାଡି କେନ୍ଦ୍ର ଖୋଲିଥିଲେ । ଏନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହିତ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ସାହୁଙ୍କୁ ଅଙ୍ଗନବାଡି କର୍ମୀଙ୍କୁ ବିରୋଧରେ ଦୃଢକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚିଠି ଲେଖିବେ ବୋଲି କହିଛନ୍ତି । ସେହିପରି ପରିଦର୍ଶନ ସମୟରେ ବିଭିନ୍ନ ସ୍ଥାନରେ ପାନୀୟ ଜଳ ଅବ୍ୟବସ୍ଥା, ସ୍ୱଚ୍ଛତାରେ ଅବହେଳା, ସଠିକ୍ ସମୟରେ କାର୍ଯ୍ୟାଳୟ ନଖୋଲିବା ନେଇ ତାଗିଦ୍ କରିଛନ୍ତି । ଏହି ସ୍ଥାନଗୁଡିକରେ ଲାଗିରହିଥିବା ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ଯଥାଶିଘ୍ର କରିବାକୁ ଅଧ୍ୟକ୍ଷ ଇଂ. ସାହୁଙ୍କୁ ଅବଗତ କରାଯାଇଛନ୍ତି ।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ବିକ୍ରମ କିଶୋର ମହାନ୍ତି
ଅବସରପ୍ରାପ୍ତ ଶିକ୍ଷକ, ଘଣ୍ଟିକଣ, ଅସ୍ତରଙ୍ଗ
ଆବିର୍ଭାବ: ୦୪.୦୭.୧୯୧୬
ତିରୋଧାନ: ୨୬.୦୭.୨୦୨୪
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :
ଝିଅ- ସବିତା, ଗୀତା, ଜ୍ୱାଇଁ- ପ୍ରତାପ, ପ୍ରଶାନ୍ତ, ନାତି- ନାତୁଣୀ: ମାମୁନି, ପାପୁନି, ଓମ୍, ପରିବାର ଓ ବନ୍ଧୁବର୍ଗ

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-199 ◆BHUBANESWAR ◆SATURDAY ◆13 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୯୯ ◆ଭୁବନେଶ୍ୱର ◆ଶନିବାର ◆୧୩ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

# 'ଆକାଶ ଏନ୍‌ଜି'ର ବ୍ୟାବହାରିକ ପରୀକ୍ଷଣ ସଫଳ



■ **ବାଲେଶ୍ୱର, ୧୨।୧(ସମିସ):** ବାଲେଶ୍ୱର ଚାନ୍ଦିପୁର ଆଇଟିଆର ପରିସରରେ ଏଲସି-୩ରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଆକାଶ ନ୍ୟୁ ଜେନେରେସନ (ନୂତନ ପିଢ଼ି)ର ସଫଳ ବ୍ୟାବହାରିକ ପରୀକ୍ଷଣ କରାଯାଇଛି। ଏହା ଆକାଶ ମିସାଇଲ ସିରିଜ୍‌ର ବିକଶିତ ତଥା ଅତ୍ୟାଧୁନିକ ସଂସ୍କରଣ। ଆକାଶ ଏନଜି ମିସାଇଲକୁ ଭୂ-ପୃଷ୍ଠରୁ ଆକାଶ ମାର୍ଗକୁ ଉତ୍‌କ୍ଷେପଣ କରାଯାଇଥାଏ। ଏହା ୧୦ ସେକେଣ୍ଡ ମଧ୍ୟରେ ଥରେ ଉତ୍‌କ୍ଷେପଣ କରାଯିବା ସହ ୨୦ ସେକେଣ୍ଡରେ ୩ ଥର ଉତ୍‌କ୍ଷେପଣ କରାଯାଇ ପାରିବ। ୨୦୨୧ରେ ଡିଆରଡିଓ ପକ୍ଷରୁ ଏହାର ଡିଜାଇନ୍ କରାଯାଇଛି। ଏହି ଏନ୍‌ଜି ଆକାଶ ମିସାଇଲରେ ୪୦ରୁ ୮୦ କିମି ଦୂରରେ ଥିବା ଲକ୍ଷ୍ୟକୁ ଭେଦ କରିପାରିବାର କ୍ଷମତା ରହିଛି। ପ୍ରତି ସେକେଣ୍ଡରେ ଏହି କ୍ଷେପଣାସ୍ତ୍ର ୮୬୦ମିଟର ଦୂରତା ଅତିକ୍ରମ କରିଥାଏ। ଏହା ଆକାଶ ପଥରେ ସର୍ବାଧିକ ୧୮ କିମି ଉଚ୍ଚରେ ଗତି କରିଥାଏ। ୭୨୦ କିଗ୍ରା ଓଜନ ବିଶିଷ୍ଟ ଏହି ମିସାଇଲର ଲମ୍ବ ୧୯ ଫୁଟ ହେଇଥିବା ବେଳେ ଏହାର ବ୍ୟାସ ୧.୧୬ ଫୁଟ। ଏହି ମିସାଇଲରେ ୬୦କିଗ୍ରା ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି।




## ଭିଜିଲାନ୍ସ ଜାଲରେ ତାଳଚେର ଆର୍‌ଟିଓ ଟ୍ରାଫିକ୍ ଇନ୍ସପେକ୍ଟର୍

# ଘରକୁ ନେବାବେଳେ କାର୍‌ରୁ ୧୧ ଲକ୍ଷ ଜବତ

■ **ଭୁବନେଶ୍ୱର/ତାଳଚେର, ୧୨।୧ (ସମିସ):** ଗାଡ଼ିରେ ବିଡ଼ାବିଡ଼ା ଟଙ୍କା ବୋହି ଘରକୁ ନେଉଥିବା ବେଳେ ବାଟ ମଝିରେ ମାଡ଼ି ବସିଲା ଭିଜିଲାନ୍ସ। ତାଳଚେର ଆର୍‌ଟିଓ ଅଫିସ୍‌ର ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର ବେହେରା ଆଜି ଭିଜିଲାନ୍ସ ଜାଲରେ ଧରା ପଡ଼ି ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କ କାର୍‌ରୁ ନଗଦ ୧୧ଲକ୍ଷ ୧୯ ହଜାର ୧୫୦ ଟଙ୍କା ଜବତ କରିଥିବା ବେଳେ ତାଙ୍କ ଘରୁ ପୁଳାପୁଳା ଟଙ୍କା ଓ ସୁନା ଅଳଙ୍କାର ଜବତ କରିଛି। ଜିତେନ୍ଦ୍ରଙ୍କ ପାଖରୁ ମୋଟ୍ ୨୪ଲକ୍ଷ ୨୭ହଜାର ୯୦୦ ଟଙ୍କା ମିଳିଥିବା ଭିଜିଲାନ୍ସ କହିଛି।

କାର୍‌ରୁ ଜବତ ଟଙ୍କା ଲାଞ୍ଚ ଟଙ୍କା ହୋଇଥିବା ପ୍ରମାଣ ପାଇବା ପରେ ଭିଜିଲାନ୍ସ ତାଳଚେରସ୍ଥିତ ତାଙ୍କ ଭଡ଼ାଘର, ଅସ୍ତରଙ୍ଗରେ ଥିବା ପୈତୃକ ବାସଭବନ ଏବଂ ପାରାଦୀପରେ ରହୁଥିବା ଭାଇ ଘରେ ଚଢ଼ଉ କରିଥିଲା। ଚଢ଼ଉ ପରେ ତାଳଚେରରେ ଥିବା ଭଡ଼ାଘରୁ ୩ଲକ୍ଷ ୮ହଜାର ୭୫୦ ଟଙ୍କା ଏବଂ ୩୩୬ ଗ୍ରାମର ସୁନା ଜବତ କରାଯାଇଥିଲା। ସେହିପରି ଅସ୍ତରଙ୍ଗରେ ଥିବା ତାଙ୍କର ପୈତୃକ ବାସଭବନରୁ ମଧ୍ୟ ୧୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହିଭଳି ତାଙ୍କଠାରୁ ସମୁଦାୟ ୨୪ ଲକ୍ଷ ୨୭ ହଜାର ୯ଶହ ଟଙ୍କା ଜବତ କରାଯାଇଛି।


> **ବିଭିନ୍ନ ସ୍ଥାନରେ ଚଢ଼ଉ ପରେ ମୋଟ ୨୪ଲକ୍ଷ ୨୭ ହଜାର ଟଙ୍କା ଓ ୩୩୬ ଗ୍ରାମ୍ ସୁନା ଜବତ**



ଗତକାଲି ବିଳମ୍ବିତ ରାତିରେ ଜିତେନ୍ଦ୍ର ନିଜ କାର୍‌ରେ ତାଳଚେରରୁ ଟଙ୍କା ବ୍ୟାଗ୍ ଧରି ନିଜ ଘର ଅସ୍ତରଙ୍ଗ ଆସୁଥିବା ଭିଜିଲାନ୍ସ କୌଣସି ସୂତ୍ରରୁ ଖବର ପାଇଥିଲା। ବାଲିଅନ୍ତା ତ୍ରିନାଥ ବଜାର ନିକଟରେ ଭିଜିଲାନ୍ସ ଅଧିକାରୀମାନେ ଜଗି ରହିଥିଲେ। ଜିତେନ୍ଦ୍ର ସେଠାରେ ପହଞ୍ଚିବା ପରେ ତାଙ୍କ ଗାଡ଼ିକୁ ଭିଜିଲାନ୍ସ ଅଧିକାରୀମାନେ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୧୧ଲକ୍ଷ ୧୯ହଜାର ୧୫୦ ଟଙ୍କା ଜବତ ହୋଇଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ତାଙ୍କ ନାମରେ ଏକ ମାମଲା ରୁଜୁ କରି ଗିରଫ କରିଛି। ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଲକ୍‌ରରେ କେତେ ଟଙ୍କା ରହିଛି, ସେନେଇ ମଧ୍ୟ ଭିଜିଲାନ୍ସ ଅଧିକାରୀ ତଦନ୍ତ କରୁଛନ୍ତି।

## ଗଛ ସହ ବସ୍‌ର ଧକ୍କା / ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ

■ **ବୁଗୁଡ଼ା, ୧୨।୧(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ଚଢ଼ିଆପଲ୍ଲୀ ଗ୍ରାମ ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନରେ ବ୍ରହ୍ମପୁରରୁ ଭାୟା ପୁରୁଷୋତ୍ତମପୁର ହୋଇ ବୁଗୁଡ଼ା ଅଭିମୁଖେ ଆସୁଥିବା ଦକ୍ଷିଣେଶ୍ୱରୀ ବସ୍ ଭାରସାମ୍ୟ ହରାଇ ଚଢ଼ିଆପଲ୍ଲୀ ଗ୍ରାମର ରୁଟି ଫ୍ୟାକ୍ଟ୍ରି ସାମ୍ନାରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ବସ୍ ଚାଳକ ବ୍ରହ୍ମପୁରର ରାଜଦୀପ୍ ମହାନ୍ତିଙ୍କ ସମେତ ସୋଲଣ୍ଡି ଗାଁର ପ୍ରମିଳା ସ୍ୱାଇଁ, ଖୋଳଖାଳିର ବାବୁଲା ପ୍ରଧାନ, ଭାମଶ୍ୟାଳିର ମୋଚିରାମ ନାହାକ, ନଗୁଡ଼ୁର ପ୍ରିୟା ଖଟୁଆ, ଭାବରଡାର କଳ୍ପନା ମହାରଣା, ଅରଖପୁରର ଶୁଶିଳା ପଣ୍ଡା, ବୀରଧନଞ୍ଜୟପୁର ଗାଁର ବିଷ୍ଣୁପ୍ରିୟା ବେହେରା ଓ ବସନ୍ତ ବେହେରା, ଚିରିକିପଡ଼ା ଶାସନର ନୀଳମଣି ବେହେରା, ରୋହନ ପୋଲେଇ, ପ୍ରତିମା ପୋଲେଇ, ରୁଦ୍ର ପୋଲେଇ, ନିଳାଦ୍ରୀ ଭୂୟାଁ ଓ ତନୁ ସ୍ୱାଇଁଙ୍କ ସହିତ ଅନ୍ୟ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।




## କଂଗ୍ରେସର ନିର୍ବାଚନ କମିଟି ଘୋଷଣା

# ସଂଯୋଜକଙ୍କ ଅନୁପସ୍ଥିତିକୁ ନେଇ ଖଡ୍‌ଗେ ଖପ୍ପା

■ **ଭୁବନେଶ୍ୱର,୧୨।୧(ସମିସ):** ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଆଇସିସି ଓଡ଼ିଶା ନିର୍ବାଚନ କମିଟି ଗଠନ କରିଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନକ୍ରମେ କମିଟି ଗଠନ କରାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସ୍ୱାକ୍ଷରରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ପିସିସି ସଭାପତି ଶରତ ପଟ୍ଟନାୟକ ରାଜ୍ୟ ନିର୍ବାଚନ କମିଟିର ଅଧ୍ୟକ୍ଷ ରହିବେ। ସେହିପରି ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସହ ବିଜୟ ପଟ୍ଟନାୟକ, ସପ୍ତଗିରି ଉଲ୍ଲାକା, ଭକ୍ତଚରଣ ଦାସ, ସୁଶୀଳା ତିରିଆ, ଅନନ୍ତ ସେଠୀ, ଡ. ରାମଚନ୍ଦ୍ର ଖୁଂଟିଆ, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅମିତା ବିଶ୍ୱାଳ, ଅଜୟନ୍ତୀ ପ୍ରଧାନ, ବିଶ୍ୱରଞ୍ଜନ ମହାନ୍ତି, ମାନସ ଚୌଧୁରୀ, ସସ୍ମିତା ବେହେରା, ଶୁଭେନ୍ଦୁ ମହାନ୍ତି ସଦସ୍ୟ ରହିବେ। ଏମାନଙ୍କ ବ୍ୟତୀତ ଯୁବ, ଛାତ୍ର, ମହିଳା ଓ ସେବାଦଳର ରାଜ୍ୟ ସଭାପତି ବା ଅଧ୍ୟକ୍ଷଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବରେ ଗ୍ରହଣ କରାଯିବ।

> **ପିସିସି ଅଧ୍ୟକ୍ଷଙ୍କ ନେତୃତ୍ୱରେ ୧୮ ଜଣିଆ କମିଟି**

କଂଗ୍ରେସ ପକ୍ଷରୁ ଗଠନ ହୋଇଥିବା ଏହି କମିଟିରେ ସବୁ ବର୍ଗଙ୍କୁ ସାମିଲ କରାଯାଇଛି। ଆଗାମୀ ନିର୍ବାଚନ ପାଇଁ ଟିକଟ ବଣ୍ଟିବା କ୍ଷେତ୍ରରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଅନ୍ୟପଟେ କଂଗ୍ରେସ ଇତିମଧ୍ୟରେ ୬୦ ଜଣଙ୍କ ଚୂଡ଼ାନ୍ତ କରିସାରିଥିବା ନେଇ ମନ୍ତବ୍ୟ ଦେଇଥିବା ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତିଙ୍କୁ ଏହି କମିଟିରେ ସ୍ଥାନ ମିଳି ନ ଥିବା ଯୋଗୁଁ ଦଳର ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅନ୍ୟପଟେ ୧୧ ତାରିଖରେ ଏଆଇସିସି ଅଧ୍ୟକ୍ଷ ଶ୍ରୀ ଖଡ୍‌ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକସଭା କ୍ଷେତ୍ର ସଂଯୋଜକଙ୍କ ବୈଠକରେ ଓଡ଼ିଶାରୁ ସମସ୍ତ ସଂଯୋଜକ ଉପସ୍ଥିତ ହୋଇନାହାନ୍ତି। ଯାହାକୁ ନେଇ ଶ୍ରୀ ଖଡ୍‌ଗେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରଛନ୍ତି। ରାଜ୍ୟର ୨୧ଜଣ ସଂଯୋଜକଙ୍କ ମଧ୍ୟରୁ ମାତ୍ର ୯ଜଣ ଏହି ବୈଠକରେ ଯୋଗଦେଇଥିଲେ। ଯେଉଁ ନେତାମାନେ ବୈଠକକୁ ଆସି ନ ଥିଲେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯିବା ସହ ସନ୍ତୋଷଜନକ ଉତ୍ତର ନ ଦେଲେ ପଦରୁ ହଟାଇ ଦେବାକୁ ଖଡ଼ଗେ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହି ବୈଠକରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ ମଧ୍ୟ ରାଜ୍ୟ କଂଗ୍ରେସ ଏଭଳି ଆଚରଣ ପାଇଁ କେନ୍ଦ୍ରୀୟ ନେତା ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଖସିବ ତାପମାତ୍ରା

■ **ଭୁବନେଶ୍ୱର, ୧୨।୧(ସମିସ):** ରାଜ୍ୟକୁ ପ୍ରବେଶ କରୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଶକ୍ତିଶାଳୀ ରହୁଥିବାରୁ ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଜାରି ରହିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏପରି ସ୍ଥିତି ଜାରି ରହିବ। ଏହାପରେ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ସୂଚନାନୁଯାୟୀ, ଶନିବାର ସକାଳ ସୁଦ୍ଧା ରାଜ୍ୟର ୧୧ ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଘନ କୁହୁଡ଼ି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

## ୧୯ରେ ଓଏସ୍ଏସଟିଇଟି ପରୀକ୍ଷା

■ **କଟକ, ୧୨।୧(ସମିସ):** ଆସନ୍ତା ଜାନୁଆରୀ ୧୯ ତାରିଖରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସଏସଟିଇଟି) ଅନୁଷ୍ଠିତ ହେବ। ରାଜ୍ୟରେ ୪୭ହଜାର ୭୪୪ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୧୬୫ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୯ଟାରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ପେପର-୧ ଏବଂ ଅପରାହ୍ନ ୧ଟା ୩୦ ମିନିଟରୁ ୪ଟା ପର୍ଯ୍ୟନ୍ତ ପେପର-୨ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ଶୁକ୍ରବାର ବୋର୍ଡ ୱେବସାଇଟରେ ଆଡମିଟ୍ କାର୍ଡ ଉପଲବ୍ଧ ହୋଇଛି ବୋଲି ସୂଚନା ମିଳିଛି।

## ଡମ୍ପର୍ ଧକ୍କାରେ ୨ ଭାଇ ମୃତ

■ **ଜଳେଶ୍ୱର, ୧୨।୧ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଲକ୍ଷ୍ମଣନାଥ କୋର୍ଟ ବଜାର ନିକଟରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଏକ ଭୟାବହ ଦୁର୍ଘଟଣା ଘଟିଛି। ଡମ୍ପର ଧକ୍କାରେ ଅଟୋରେ ବସିଥିବା ୨ଭାଇଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ସମେତ ଅନ୍ୟ ୪ଜଣ ଆହତ ହେଇଛନ୍ତି। ମୃତକଦ୍ୱୟ ହେଲେ, ମନ୍ଦାରସାହି ଗ୍ରାମର ନାରାୟଣ ଚନ୍ଦ୍ର ଦାସ (୬୫) ଓ ଲକ୍ଷ୍ମୀକାନ୍ତ ଦାସ(୫୫)। ଅଟୋ ଚାଳକ ପରେଶ ଗିରି (୫୦), ଭାକୁ ପାତ୍ର (୭୦), ବାପି ପାତ୍ର (୪୩) ଓ ଭାନୁ ପାତ୍ର(୪୬) ଗୁରୁତର ହୋଇଛନ୍ତି। ଭାକୁ ଓ ରବୀନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍ଗିନ ହେତୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୨ଜଣଙ୍କୁ ବାଲେଶ୍ୱର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

> **ଅଟୋ ଚାଳକଙ୍କ ସମେତ ୪ ଗୁରୁତର**

ମନ୍ଦାରସାହି ପାଟଣା ଗ୍ରାମର ଏହି ୫ଜଣ ବ୍ୟକ୍ତି ଚାଳକ ପରେଶ ଗିରିଙ୍କ ଅଟୋରେ ବସି ଜଳେଶ୍ୱର କୋର୍ଟକୁ ଆସୁଥିଲେ। ଲକ୍ଷ୍ମଣନାଥ କୋର୍ଟ ବଜାର ବାଇପାସ୍‌ଠାରେ ଦ୍ରୁତଗତିରେ ଆସୁଥିବା ଏକ ଡମ୍ପର୍ ସେମାନଙ୍କ ଅଟୋକୁ ଧକ୍କା ଦେଇଥିଲା। ଏଥିରେ ଅଟୋ ଚାଳକଙ୍କ ସମେତ ୬ ଜଣ ଆହତ ହେଇଥିଲେ। ୧୦୮ ଆମ୍ବୁଲାନ୍ସରେ ଆହତଙ୍କୁ ସ୍ଥାନୀୟ ଜଳେଶ୍ୱର ହସ୍ପିଟାଲକୁ ନିଆଯାଇଥିଲା।






୧୨/୧/୨୦୨୪ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୦୩,୮୭୦/- ସୁନା: ୦୪.୬୫୦ ଗ୍ରାମ୍ ରୁପା: ୧୫.୬୦୦ ଗ୍ରାମ୍





# ଜଗା ପାଇଁ ଜଳୁଛି ରଙ୍ଗିନ୍ ଆଲୁଅ

## ଚିକ୍‌ମିକ୍ ଆଲୁଅରେ ଝଲସୁଛି ବଡ଼ଦାଣ୍ଡ






ପୁରୀ, ୧୨।୧(ସମିସ)

୧୭ରେ ଜଗା ଆସିବେ। ଭକ୍ତର ଦୁଃଖ ହରିବେ। କିନ୍ତୁ ଏଥର ରଥରେ ନୁହେଁ କି ପଥରେ ନୁହେଁ। ପରିକ୍ରମା ପ୍ରକଳ୍ପର ଲୋକାର୍ପଣରେ। ତାହା ସହ ଲୋକାରଣ୍ୟ ହେବ ପୁରୀ ବଡ଼ଦାଣ୍ଡ। ସେଥିପାଇଁ ରଙ୍ଗୀନ ଆଲୁଅର ସଜେଇ ହୋଇଛି ଶ୍ରୀକ୍ଷେତ୍ରର ଶରଧାବାଲି। କେତେବେଳେ ସେ ନାଲି ନାଲି ଦିଶୁଛି ତ କେତେବେଳେ ଶାଗୁଆ। ରଙ୍ଗ ବଦଳୁଛି ତା ସହ ବଦଳାଇ ଦେଉଛି ତାର ଆଲୁଅରେ ବଡ଼ ଦାଣ୍ଡରେ ଥିବା କୋଠା ଆଉ ଦୋକାନର ରଙ୍ଗ। ଗ୍ରାଣ୍ଡରୋଡ ଗ୍ରାଣ୍ଡ ଷ୍ଟାଇଲରେ ଲୋକଙ୍କ ମନ ମୋହୁଛି। ବିଶ୍ୱ ନିୟନ୍ତା ଆସିବେ ବୋଲି ରଙ୍ଗ ବେରଙ୍ଗରେ ବଡ଼ଦାଣ୍ଡ ଦିନକୁ ଦିନ ନିଜକୁ ରଙ୍ଗୀନ୍ ଦୁନିଆରେ ହଜି ଯାଉଛି। ସ୍ୱଚ୍ଛତା ଓ ସମାନତାର ବାର୍ତ୍ତା ନେଇ ଦେଶ ବିଦେଶର ଶ୍ରଦ୍ଧାଳୁମାନଙ୍କୁ ଅତିଥି ଦେବୋଭବର ପରିଚୟ ବାଣ୍ଟୁଛି। ଲାଇଟ୍ ଲଗାଇ ବଡ଼ଦାଣ୍ଡକୁ ସୁସଜ୍ଜିତ କରିଥିବା ସବୁ କାରିଗର ଦିଲ୍ଲୀ ଆସି ଏହି ସାଜସଜ୍ଜା କାମ କରୁଥିବା କହିଛନ୍ତି। ସୂଚନଯୋଗ୍ୟ ଯେ ସେମାନେ ଶରଧାବାଲିର ଏ କାମ କରି ସମସ୍ତଙ୍କ ଶ୍ରଦ୍ଧାରପାତ୍ର ହୋଇ ନିଜେ ଖୁସି ଥିବା ମଧ ପ୍ରକାଶ କରିଛନ୍ତି। ପ୍ରାୟ ୪୦ରୁ ୬୦ ଜଣ ଏହି କାମ କରୁଛନ୍ତି। ଏହି କାରିଗରମାନେ ଅଯୋଧ୍ୟା ରାମମନ୍ଦିର ତଥା ଉଜ୍ଜୟନି ଓ ଦେଶ ବିଦେଶର ଅନ୍ୟ ମନ୍ଦିର ଗୁଡ଼ିକରେ ମଧ କାମ କରି ନା କରିଛନ୍ତି। ଦିଲ୍ଲୀରେ ମଡର୍ନ ଷ୍ଟେଜ ସର୍ଭିସ କମ୍ପାନୀରୁ ଏମାନେ ଆସି ପୁରୀ ବଡ଼ଦାଣ୍ଡରେ ଏହି କାମ କରି ନିଜକୁ ଧନ୍ୟମନେ କରୁଛନ୍ତି। ବଡ଼ଦାଣ୍ଡ ଉଭୟ ପାର୍ଶ୍ୱରେ ପ୍ରାୟ ୨ ହଜାର ରଙ୍ଗ ବେରଙ୍ଗ ଲାଇଟ୍ ଲାଗିଛି। ଯାହା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି।





ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉପଲକ୍ଷେ ଗଜପତି ମହାରାଜାଙ୍କ ସହ ବ୍ରାହ୍ମଣ ନିଯୋଗମାନଙ୍କ ଆଲୋଚନା

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ

## ସରିଲା ଆଚାର୍ଯ୍ୟବରଣ

**ପୁରୀ, ୧୨।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଆଦ୍ୟପର୍ବ ଶ୍ରୀନଅରରେ ଆରମ୍ଭ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆଚାର୍ଯ୍ୟବରଣ କରିଛନ୍ତି। ଏହି ଅବସରରେ ଷୋଳଶାସନର ୪୮ ଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରାଯାଇଛି।

| | | |
|---|---|---|
| ୧ | ପ୍ରଧାନ ଆଚାର୍ଯ୍ୟ | ସୁଧାଂଶୁ ଶେଖର ରାଜଗୁରୁ |
| ୨ | ପ୍ରତିନିଧି | ଦେବୀପ୍ରସାଦ ରାଜଗୁରୁ |
| ୩ | ମୁଖ୍ୟ ଉପଦେଷ୍ଟା | ପଦ୍ମନାଭ ମହାପାତ୍ର |
| ୪ | ଉପଦେଷ୍ଟା | ସିଦ୍ଧେଶ୍ୱର ମହାପାତ୍ର |
| ୫ | ପ୍ରଚାରକ | ବିଶ୍ୱମ୍ବର ଦାଶ |
| ୬ | ଉପପ୍ରଚାରକ(ପୁସ୍ତକାଚାର୍ଯ୍ୟ) | ସୂର୍ଯ୍ୟନାରାୟଣ ଦାଶ |
| ୭ | ସଦସ୍ୟ | ଅଶୋକ କୁମାର ମହାପାତ୍ର |
| ୮ | ବ୍ରହ୍ମା | ଉଦୟନାଥ ମହାପାତ୍ର |
| ୯ | ଚରୁହୋତା | ଦୁର୍ଗାପ୍ରସାଦ ମିଶ୍ର |
| ୧୦ | ସମିଧ ହୋତା | ସୁଦର୍ଶନ ଷଡ଼ଙ୍ଗୀ |
| ୧୧ | ପୂଜକ ଆଚାର୍ଯ୍ୟ | ଜଗନ୍ନାଥ ରଥ |
| ୧୨ | ସଂଯୋଜକ | ଭଗବାନ ମହାପାତ୍ର |
| ୧୩ | ସଂଯୋଜକ | ପ୍ରଫୁଲ୍ଲ କୁମାର ମିଶ୍ର |
| ୧୪ | ଋଗ୍‌ବେଦ କୁଣ୍ଡାଚାର୍ଯ୍ୟ | ରିଙ୍କୁନାଥ ଷଡ଼ଙ୍ଗୀ |
| ୧୫ | ଯଜୁର୍ବେଦ କୁଣ୍ଡାଚାର୍ଯ୍ୟ | ନୀଳାଦ୍ରି ବିହାରୀ ମିଶ୍ର |
| ୧୬ | ସାମ୍‌ବେଦ କୁଣ୍ଡାଚାର୍ଯ୍ୟ | ସୂର୍ଯ୍ୟପ୍ରସାଦ ତ୍ରିପାଠୀ |
| ୧୭ | ଅଥର୍ବବେଦ କୁଣ୍ଡାଚାର୍ଯ୍ୟ | ଚନ୍ଦ୍ରମଣି ଉପାଧ୍ୟାୟ |
| ୧୮ | ମଣ୍ଡଳାଚାର୍ଯ୍ୟ | ଭଗବାନ ତ୍ରିପାଠୀ |
| ୧୯ | ସ୍ୱସ୍ତିବାଚକ | ଦେବପ୍ରସାଦ ମିଶ୍ର |
| ୨୦ | ଚଣ୍ଡୀପାଠକ (ବିମଳା) | ଚକ୍ରଧର ମିଶ୍ର |
| ୨୧ | ଚଣ୍ଡୀପାଠକ (ଭୁବନେଶ୍ୱରୀ) | ବିଶ୍ୱନାଥ ମିଶ୍ର |
| ୨୨ | ଚଣ୍ଡୀପାଠକ (ବଟମଙ୍ଗଳା) | ଗତିକୃଷ୍ଣ ମିଶ୍ର |
| ୨୩ | ଚଣ୍ଡୀପାଠକ(ଉତ୍ତରାୟଣୀ) | କାଶୀନାଥ ମିଶ୍ର |
| ୨୪ | ଚଣ୍ଡୀପାଠକ(ଦକ୍ଷିଣକାଳୀ) | ରାମଚନ୍ଦ୍ର ମହାପାତ୍ର |
| ୨୫ | ଚଣ୍ଡୀପାଠକ(ଚର୍ଚ୍ଚିକା) | ବିଚିତ୍ରାନନ୍ଦ ଦାଶ |
| ୨୬ | ଚଣ୍ଡୀପାଠକ(ଆଲାମଚଣ୍ଡୀ) | କୃଷ୍ଣଚନ୍ଦ୍ର ମିଶ୍ର |
| ୨୭ | ଅଭିଷେକ (ଈଶାନେଶ୍ୱର) | ହିମାଂଶୁଭୂଷଣ ତ୍ରିପାଠୀ |
| ୨୮ | ବିଷ୍ଣୁ ସହସ୍ରନାମ ପାଠକ | ପ୍ରଫୁଲ୍ଲ କୁମାର ଚଇନୀ |
| ୨୯ | ଗୋପାଳ ସହସ୍ରନାମ ପାଠକ | ମଧୁସୂଦନ ମିଶ୍ର |
| ୩୦ | ଶ୍ରୀଭଗବତ୍ ଗୀତା ପାଠକ | ଯତୀନ୍ଦ୍ରନାଥ ଦାଶ |
| ୩୧ | ସିଦ୍ଧିବିନାୟକ | ସରୋଜ କୁମାର ମିଶ୍ର |
| ୩୨ | ଜାପକ | ଦେବପ୍ରସାଦ ରଥ |
| ୩୩ | ଜାପକ | ରଘୁନାଥ ମିଶ୍ର |
| ୩୪ | ଜାପକ | ପ୍ରକାଶ ଚନ୍ଦ୍ର କର |
| ୩୫ | ଜାପକ | ସୂର୍ଯ୍ୟପ୍ରସାଦ ଦାଶ |
| ୩୬ | ଜାପକ | ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ |
| ୩୭ | ଜାପକ | ଶ୍ରୀକାନ୍ତ ମହାପାତ୍ର |
| ୩୮ | ଜାପକ | ବଟକୃଷ୍ଣ ଦାଶ |
| ୩୯ | ଜାପକ | ବିମଳ ରଥ |
| ୪୦ | ଜାପକ | ବିଭୂପ୍ରସାଦ ଦାଶ |
| ୪୧ | ଜାପକ | ଭୀମସେନ ମିଶ୍ର |
| ୪୨ | ଜାପକ | ବିଶ୍ୱଜିତ୍ ମହାପାତ୍ର |
| ୪୩ | ଅଗ୍ନିରକ୍ଷକ | ସୁଶାନ୍ତ ମିଶ୍ର |
| ୪୪ | ଚର୍ଚ୍ଚକ | ନିଶିକାନ୍ତ ମିଶ୍ର |
| ୪୫ | ଚର୍ଚ୍ଚକ | ପ୍ରଶାନ୍ତ କୁମାର ମିଶ୍ର |
| ୪୬ | ଚର୍ଚ୍ଚକ | ମନୋଜ କୁମାର ପୁଷ୍ପାଳକ |
| ୪୭ | ଦୈବାଜ୍ଞ | ଶିବନାରାୟଣ ମହାପାତ୍ର ଜ୍ୟୋତିଷରାୟ |
| ୪୮ | ପାଚକ | ଜଗନ୍ନାଥ ପଣ୍ଡା |

## ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକଙ୍କ କ୍ଷେତ୍ର ସମୀକ୍ଷା

ପୁରୀ, ୧୨।୧(ସମିସ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଲୋକାର୍ପଣ ଓ ତତ୍ ସଲଗ୍ନ କାର୍ଯ୍ୟକ୍ରମକୁ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଚେଷ୍ଟିତ ଅଛି। ଦୂରଦର୍ଶନ ଓ କାର୍ଯ୍ୟକ୍ରମର ଆୟୋଜନ ଦାୟିତ୍ୱ ନେଇଥିବା ସଂସ୍ଥା ସହ ସମନ୍ୱୟ ରଖି ବିଭିନ୍ନ ଚ୍ୟାନେଲକୁ ପ୍ରସାରଣ ସୁବିଧା ଦେବା ପାଇଁ ବ୍ୟବସ୍ଥା ହୋଇଛି ବୋଲି ସୂଚନା ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ। ଗୁରୁବାର ସନ୍ଧ୍ୟାରେ ଏ ନେଇ ଏକ ବୈଠକ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସ୍ୱତନ୍ତ୍ର ସଚିବ ବିନୟ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସୂଚନା ବିଭାଗର ସହକାରୀ ନିର୍ଦ୍ଦେଶକ ଫିଲ୍ମ ଓ ଇଭେଣ୍ଟ ମ୍ୟାନେଜମେଣ୍ଟର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ। ନିଷ୍ପତ୍ତି ଅନୁଯାୟୀ, ଜାନୁଆରୀ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗର ତତ୍ତ୍ୱାବଧାନରେ ଦୂରଦର୍ଶନ ମାଧ୍ୟମରେ ସିଧା ପ୍ରସାରଣ ସହ ସମସ୍ତ ଚ୍ୟାନେଲକୁ ଫିଡ୍ ଦିଆଯିବ। ଏଥିସହ ବିଶିଷ୍ଟ ଭାଷ୍ୟକାର ମାନେ ଶ୍ରୀଜଗନ୍ନାଥ ତତ୍ତ୍ୱ, ପରିକ୍ରମା ପ୍ରକଳ୍ପ ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରିବେ। ସେହିପରି ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ, ବେଦପାଠ ଇତ୍ୟାଦିର ମଧ ପ୍ରସାରଣ କରାଯିବ। ଏହା ପରେ ନିର୍ଦ୍ଦେଶକ ଶ୍ରୀ ସାମଲ ମନ୍ଦିର ନିକଟରେ ହୋଇଥିବା ପ୍ରସାରଣ କେନ୍ଦ୍ର ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ କ୍ଷେତ୍ର ପରିଦର୍ଶନ କରିବା ସହ ଦୂରଦର୍ଶନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ

**ପୁରୀ, ୧୨।୧(ସମିସ):** ନୂଆ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ପୁରୀ ଜିଲ୍ଲାସ୍ତରୀୟ କ୍ରୀଡା ଉତ୍ସବ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପିଲାମାନଙ୍କ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ ପାଇଁ ଯୁବ ଓଡ଼ିଶା ନବୀନ ଓଡ଼ିଶା ଏକ ଉପଯୁକ୍ତ ପ୍ଲାଟଫର୍ମ। ପ୍ରତିଟି ପିଲା ନିଜ ଦକ୍ଷତାର ଉପଯୋଗ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ସେ ମତ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡିଆଇସିର ଜିଏମ୍ ଅମୂଲ୍ୟ କୁମାର ପଣ୍ଡା, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ବରିଷ୍ଠ କ୍ରୀଡା ଶିକ୍ଷକ ନିହାର ରଞ୍ଜନ ପଲାଇ ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଭାର ଉନ୍ମେଷ ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ ଯେ, ବିଭିନ୍ନ ବ୍ଲକରୁ ଖୋ ଖୋ, ଭଲିବଲ, ଫୁଟବଲ୍, କବାଡି, ହକି ଓ କ୍ରିକେଟ ଭଳି ୬ଟି କ୍ରୀଡାରୁ ଚୟନ ହୋଇ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କ ମଧ୍ୟରେ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ପରିକ୍ରମା ପ୍ରକଳ୍ପ ଲୋକାର୍ପଣ

## ସୁରକ୍ଷା ଚାଦର ତଳେ ରହିବ ପୁରୀ





### ପ୍ରସ୍ତୁତି ହୋଇଛି ଦୁଇ ପର୍ଯ୍ୟାୟ ସୁରକ୍ଷା ବ୍ୟବସ୍ଥା

### ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଜଗିବେ ୪୪ ପ୍ଲାଟୁନ ଫୋର୍ସ

### ୧୭ ତାରିଖରେ ଅଧିକ ୨୪ ପ୍ଲାଟୁନ ଫୋର୍ସ

ପୁରୀ, ୧୨।୧(ସମିସ)

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଦେଶର ପ୍ରମୁଖ ଦେବପୀଠର ମୁଖ୍ୟ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଲକ୍ଷାଧିକ ଶ୍ରଦ୍ଧାଳୁ ମଧ ମହାପ୍ରଭୁଙ୍କ ଦର୍ଶନ ଏବଂ ପରିକ୍ରମା ପ୍ରକଳ୍ପ ବୁଲିବା ପାଇଁ ଆସିବେ। ଏହାକୁ ନଜରରେ ରଖି ପୁରୀ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରିଛି ପୁଲିସ। ଅର୍ଥାତ୍ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପୁରୀ ସମ୍ପୂର୍ଣ୍ଣ ସୁରକ୍ଷା ଚାଦର ତଳେ ରହିବ। ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ ଦୁଇ ପର୍ଯ୍ୟାୟ ବିଶିଷ୍ଟ କରାଯାଇଛି। ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏବଂ ୧୭ ତାରିଖ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ହୋଇଛି। ଶୁକ୍ରବାର ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ପୁଲିସ ଅଧିକାରୀଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ ବ୍ରିଫିଂ କରିବା ସହ ସାମ୍ବାଦିକ ସମ୍ମିଳନୀରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ପୁରୀରେ ଶୁକ୍ରବାରଠାରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରକଳ୍ପ କାମ ଶେଷ ହେବା ପରେ ଏହାର ସୁରକ୍ଷା ଓ ନିରାପତ୍ତା ଦାୟିତ୍ୱ ନେଇଛି ପୁଲିସ। ଏ ନେଇ ପୁଲିସର ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶେଷକରି ଭକ୍ତମାନେ କିପରି ବାଧାମୁକ୍ତ ଦର୍ଶନ କରିପାରିବେ ତା' ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ପରିକ୍ରମା ପ୍ରକଳ୍ପ ପରିସରରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ହେବେ। ସେହିପରି ସୁରକ୍ଷା, ନିରାପତ୍ତା, ସ୍ୱଚ୍ଛତା ରକ୍ଷା ପାଇଁ ଯଜ୍ଞସ୍ଥଳ ଏବଂ ବେଦପାଠସ୍ଥଳରେ ପର୍ଯ୍ୟାପ୍ତ ଫୋର୍ସ ଏବଂ ଅଧିକାରୀ ନିୟୋଜିତ ରହିବେ। ଶୁକ୍ରବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସମଗ୍ର ସହରକୁ ଜଗିବେ ୪୪ ପ୍ଲାଟୁନ ଫୋର୍ସ। ଏଥିସହ ୩ଟି କେ-୯ ସ୍କ୍ୱାଡ୍ ମୁତୟନ ହେବେ। ଶ୍ରୀମନ୍ଦିର, ପରିକ୍ରମା ପ୍ରକଳ୍ପ, ଶ୍ରୀଦାଣ୍ଡ, ଶ୍ରୀଜଗନ୍ନାଥ ବଲ୍ଲଭ ପରିସର, ବେଳାଭୂମି, ସମସ୍ତ ହୋଟେଲ, ଲଜ୍, ଗଳିକନ୍ଦି ଓ ସବୁ ପ୍ରବେଶ ପଥ ସହିତ ସମଙ୍ଗ ପାର୍କିଂ ଉପରେ ୨୪ ଘଣ୍ଟିଆ କଡ଼ା ନଜର ରଖିବ ପୁଲିସ। ସମସ୍ତ ସ୍ଥାନ ବି ରହିବ ସିସିଟିଭି ନଜରରେ। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହ ୧୩୫ଟି ସିସିଟିଭି, ସର୍ଭେଲାନ୍ସ ଟିମ୍, ବୋମା ନିଷ୍କ୍ରିୟକାରୀ ଦଳ, ଫେସ୍ ରିଡିଂ ଟିମ୍ ନିୟୋଜିତ ହେବେ। ସୁରକ୍ଷାକୁ ୫ ଭାଗରେ ବିଭକ୍ତ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଶ୍ରୀମନ୍ଦିର ପରିକ୍ରମା ମାର୍ଗର ୯ଟି ଗେଟ୍‌ରେ ପୁଲିସ, ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ଦକ୍ଷ ଅଧିକାରୀ ନିୟୋଜିତ, ଯଜ୍ଞସ୍ଥଳର ସୁରକ୍ଷା ଓ ଟ୍ରାଫିକ ସୁପରିଚାଳନା ପାଇଁ ପୁଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି। ସେହିପରି ୧୭ ତାରିଖ ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ତଥା ଲୋକାର୍ପଣ ଉତ୍ସବ ପାଇଁ ଅଧିକ ୨୪ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୧୬ ତାରିଖ ଯାଏ ୫ଜଣ ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି, ୩୦ ଜଣ ଇନ୍ସପେକ୍ଟର ଓ ୧୪୦ ଜଣ ସବ୍ ଇନ୍ସପେକ୍ଟର ଓ ଏଏସ୍‌ଆଇ ମୁତୟନ ରହିବେ। ୧୬ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀ ପାଇଁ କୌଣସି କଟକଣା ରହିବ ନାହିଁ। ତେବେ ଭିଡ ଓ ଗହଳିକୁ ଦେଖି ଟ୍ରାଫିକ ପରିଚାଳନା କରାଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି ଶ୍ରୀ ସିଂ ଏବଂ ଏସ୍‌ପି ଡ. କନୱର ବିଶାଲ ସିଂ କହିଛନ୍ତି। ଅନ୍ୟପକ୍ଷରେ ଅପରାହ୍ନରେ ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ନିଜ ନିଜ ସ୍ଥାନରେ ନିୟୋଜିତ ହୋଇଛନ୍ତି।

## ସେବା ଯୋଗାଇବେ ୬୦୦ ଯୁବଶକ୍ତି ସ୍ୱେଚ୍ଛାସେବୀ

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସାମିଲ ହୋଇ ସେବା ଯୋଗାଇବେ ଯୁବ ଶକ୍ତିର ସ୍ୱେଚ୍ଛାସେବୀ। ପୁଲିସ ସହ ପ୍ରାୟ ୬୦୦ ସ୍ୱେଚ୍ଛାସେବି ସାମିଲ ହୋଇ ଭକ୍ତଙ୍କୁ ସେବା ଦେବାରେ ସହଯୋଗ କରିବେ। ବଡ଼ଦାଣ୍ଡରୁ ବିସ୍ଥାପିତ ହୋଇଥିବା ୬ଟି ବ୍ୟବସାୟୀ ସଂଘର ଯୁବ ସ୍ୱେଚ୍ଛାସେବୀ ଏଥିରେ ସାମିଲ ହୋଇଛନ୍ତି। ଶୁକ୍ରବାର ଟାଉନ ଥାନା ପରିସରରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିଶେଷକରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ସୁପରିଚାଳନା, ଜଳସେବା, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ଦର୍ଶନ କରାଇବାରେ ସେମାନେ ନିୟୋଜିତ ରହିବେ। ଏ ସମ୍ପର୍କରେ ସୂଚନା ଦେଇ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଛନ୍ତି ବଡ଼ଦାଣ୍ଡରୁ ବିସ୍ଥାପିତ ହୋଇଥିବା ବ୍ୟବସାୟୀମାନଙ୍କୁ କ୍ଷତିପୂରଣ ସହାୟତା ଦିଆଯାଇଛି। ଆଗକୁ ସେମାନଙ୍କୁ ଥଇଥାନ କରାଯିବ। ତଥାପି ସେମାନଙ୍କ ମଧ୍ୟରୁ ଅନେକ ସ୍ୱେଚ୍ଛାକୃତ ଭାବେ ସେବା କରିବାକୁ ଆଗ୍ରହୀ ଅଛନ୍ତି। ବିଶେଷକରି ଯୁବକମାନଙ୍କ ଶକ୍ତିକୁ ସେବାରେ ରୂପାନ୍ତର କରିବା ଏହାର ମୂଳ ଲକ୍ଷ୍ୟ ରହିଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜିତେନ୍ଦ୍ର ଦେହୁରୀ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ସମୁଦ୍ରକୂଳ ଥାନା ଆଇଆଇସି ମାନସ କୁମାର ଚକ୍ର, ଟାଉନ ଥାନା ଆଇଆଇସି ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୧୧ • ପାଉଣ୍ଡ ୧୦୬.୧୯
- ୟୁରୋ ୯୧.୮୧ • ୟେନ୍ ୦.୫୭

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୬୦୦ (ନୂଆଦିଲ୍ଲୀ)
- ରୁପା : ୭୬,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୫୬୮.୦୦
- ନିଫ୍ଟି ୨୧,୮୯୪.୦୦

**ପେଟ୍ରୋଲ-ଡିଜେଲ୍**



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

ମିଳିତ ଜାତିସଂଘ ରିପୋର୍ଟ

# ଏବର୍ଷ ବଢ଼ିବ ବେରୋଜଗାରୀ

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି)**

ଚଳିତ ବର୍ଷ ସାରା ବିଶ୍ୱରେ ବେକାରୀ ସଂଖ୍ୟାରେ ବୃଦ୍ଧି ପାଇବ। କାରଣ ୨୦୨୪ରେ ଦୁନିଆରେ ବିଭିନ୍ନ କ୍ଷେତ୍ରରେ ୨୦ ଲକ୍ଷରୁ ଅଧିକ ଲୋକଙ୍କୁ ଛଟେଇର ଶିକାର ହେବାକୁ ପଡିବ। ମିଳିତ ଜାତିସଂଘ (ୟୁଏନ୍‌ଓ)ର ଶ୍ରମ ଏଜେନ୍ସି ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଏ) ଅନୁଯାୟୀ ବେରୋଜଗାରି ହାର ଏବଂ ବର୍ତ୍ତମାନର ନିଯୁକ୍ତି ମଧ୍ୟରେ ଦେଖାଦେଇଥିବା ବ୍ୟବଧାନ ବିଶ୍ୱ ମହାମାରୀ ପୂର୍ବରୁ ସ୍ତରରୁ ସାମାନ୍ୟ ହ୍ରାସ ପାଇଛି, କିନ୍ତୁ ଏହା ସତ୍ତ୍ୱେ ବି ବିଶ୍ୱରେ ବେକାରୀ ହାର ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏଥିଯୋଗୁ ମହଙ୍ଗା ବଜାରରେ ଖାଉଟି ଘୋର ହନ୍ତସନ୍ତ ହେବେ। ଶ୍ରମ ବଜାରରେ ଅସନ୍ତୁଳନତା ଏହାର ମୁଖ୍ୟ କାରଣ ବୋଲି ସଂଗଠନଏହାର ରିପୋର୍ଟରେ କହିଛି।

୨୦୨୩ ମସିହାରେ ଅଧିକାଂଶ ଜି -୨୦ ରାଷ୍ଟ୍ରରେ ଦେଶରେ ପ୍ରକୃତ ବେତନରେ ହ୍ରାସ ଘଟିଛି। ମୁଦ୍ରାସ୍ଫୀତି ଯେଉଁ ହାରରେ ବଢ଼ୁଛି, କର୍ମଚାରୀଙ୍କ ବେତନ ସେହି ହାରରେ ବୃଦ୍ଧି କରାଯାଉନାହିଁ। ଉଭୟ ମଧ୍ୟରେ ତାଳମେଳ ନ ଥିବା ଆଇଏଲ୍‌ଏ କହିଛି। ଏଭଳି ପରିସ୍ଥିତିରେ ଚଳିତ ବର୍ଷ ବିଶ୍ୱରେ ବେକାରୀ ହାର ୫.୧ ପ୍ରତିଶତରୁ ୫.୨ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ୨୦୨୨ ମସିହାରେ ବିଶ୍ୱରେ ବେକାରୀ ହାର ୫.୩ ପ୍ରତିଶତ ରହିଥିଲା, ଯେଉଁଥିରେ ଗତ ବର୍ଷ ସାମାନ୍ୟ ବୃଦ୍ଧି ହୋଇ ୫.୧% ପ୍ରତିଶତକୁ ହ୍ରାସ ପାଇଥିଲା। ଏହା ବ୍ୟତୀତ ବିଶ୍ୱ ୨୦୨୩ରେ ବୈଶ୍ୱିକ ସ୍ତରରେ ରୋଜଗାରର ବ୍ୟବଧାନ ଏବଂ ଶ୍ରମ ବଜାରରେ ଲୋକଙ୍କ ଅଂଶଗ୍ରହଣ ହାର ସେତେଟା ଭଲ ନ ଥିଲା।

ଆଇଏଲ୍‌ଏ କହିଛି ଯେ ଶ୍ରମ ବଜାରରେ ଅସମାନତା ବଢ଼ିବାରେ ଲାଗିଛି। ଉତ୍ପାଦନ କ୍ଷେତ୍ରରେ ଦେଖାଯାଉଥିବା ମାନ୍ଦାବସ୍ଥା ଏବେ ବଡ଼ ଚିନ୍ତାର କାରଣ। ଏହି ଅଧ୍ୟୟନରେ ସର୍ବଶେଷ ଶ୍ରମ ବଜାର ଧାରାକୁ ଆକଳନ କରାଯାଇଛି। ଏଥିରେ ବେକାରୀ, ନିଯୁକ୍ତି ସୃଷ୍ଟି, ଶ୍ରମଶକ୍ତିର ଅଂଶଗ୍ରହଣ ହାରକୁ ଅନ୍ତର୍ଭୁକ୍ତ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଚୀନ୍, ରୁଷ ଏବଂ ମେକ୍ସିକୋରେ ପ୍ରକୃତ ବେତନରେ ବୃଦ୍ଧି ଘଟିଛି। ଅନ୍ୟ ଜି -୨୦ ଦେଶଗୁଡିକରେ ପ୍ରକୃତ ବେତନ ହାର ହ୍ରାସ ପାଇଛି। ଯେପରିକି ବ୍ରାଜିଲରେ ଏହା ୬.୯ ପ୍ରତିଶତ, ଇଟାଲୀ ରେ ୫ ପ୍ରତିଶତ ଏବଂ ଇଣ୍ଡୋନେସିଆରେ ୩.୫ ପ୍ରତିଶତ ତୀବ୍ର ହ୍ରାସ ଘଟିଛି।




- ୨୦ ଲକ୍ଷରୁ ଅଧିକ ଲୋକ ହେବେ ଛଟେଇ
- ମହଙ୍ଗା ବଜାରରେ ଖାଉଟି ହେବେ ହନ୍ତସନ୍ତ
- ଶ୍ରମ ବଜାରରେ ଅସନ୍ତୁଳନତା ବଢ଼ିଛି
- ସତର୍କ କରାଇଲା ଅନ୍ତର୍ଜାତୀୟ ଶ୍ରମ ସଂଗଠନ

# ନୂଆ ଶିଖରରେ ଶେୟାର ବଜାର

## ସେନ୍‌ସେକ୍ସରେ ୮୪୭ ପଏଣ୍ଟ ବୃଦ୍ଧି

## ଦିନକରେ ନିବେଶକଙ୍କ ଲାଭ ୨ ଲକ୍ଷ କୋଟି

**ମୁମ୍ବଇ,୧୨।୧(ଏଜେନ୍ସି):** ଘରୋଇ ପୁଞ୍ଜି ବଜାର ଆଜି ନୂଆ ରେକର୍ଡ ସୃଷ୍ଟି କରିଛି। ବଜାରର ଉଭୟ ସୂଚକାଙ୍କରେ ଆଜି ବୃଦ୍ଧି ଦେଖିବାକୁ ମିଳିଛି। ଆଜି ମଙ୍ଗଳବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୮୪୭ ପଏଣ୍ଟ ବୃଦ୍ଧି ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୭ ପଏଣ୍ଟ ପ୍ରତିଶତ ବୃଦ୍ଧି ହୋଇଛି। ଫଳରେ ଉଭୟ ସୂଚକାଙ୍କ ସର୍ବକାଳୀନ ରେକର୍ଡ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। କାରବାର ବେଳେ ପ୍ରଥମ ଥର ପାଇଁ ନିଫ୍ଟି ୨୧,୯୦୦ ପଏଣ୍ଟ ସ୍ତର ଅତିକ୍ରମ କରିଥିଲା। ଘରୋଇ ପୁଞ୍ଜି ବଜାରରେ ଆଜିର ବୃଦ୍ଧି ଯୋଗୁଁ ନିବେଶକଙ୍କୁ ୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି।

ଶୁକ୍ରବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସରେ ୮୪୭ ପଏଣ୍ଟ ବା ୧.୧୮ ପ୍ରତିଶତ ବୃଦ୍ଧି ଘଟି ୭୨,୫୬୮ ପଏଣ୍ଟରେ କାରବାର ଶେଷ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୭ ପଏଣ୍ଟ ବା ୧.୧୪ ପ୍ରତିଶତ ବୃଦ୍ଧି ଘଟି ୨୧,୮୯୪



ପଏଣ୍ଟରେ କାରବାର ଶେଷ ହୋଇଛି। ଦିନର କାରବାରରେ ବିଏସଇର ସେନସେକ୍ସ ସର୍ବୋଚ୍ଚ ୭୨,୭୨୦.୯୬ ପଏଣ୍ଟ ଏବଂ ନିଫ୍ଟି ୨୧,୯୨୮.୨୫ ପଏଣ୍ଟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ବିଏସଇର ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ଆଜି ବଢି ୩୭୩.୪୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବିଏସଇ ସେନସେକ୍ସର ୩୦ ସେୟାର ମଧ୍ୟରୁ ୨୦ ସେୟାର ଆଜି ବୃଦ୍ଧି ସହ ବନ୍ଦ ହୋଇଛି। ଏଥିମଧ୍ୟରୁ ଇନଫୋସିସ୍ ସେୟାର ମୂଲ୍ୟରେ ସବୁଠୁ ଅଧିକ ୭.୯୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ୧୦ଟି ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି।

# ସ୍ଥାନୀୟ ଉତ୍ପାଦନକାରୀଙ୍କ ସଶକ୍ତୀକରଣ ପାଇଁ ଟିପିସିଓଡିଏଲର ଅଭିନବ ପଦକ୍ଷେପ



**ଭୁବନେଶ୍ୱର,୧୨।୧ (ଏଜେନ୍ସି):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ସ୍ଥାନୀୟ ଉତ୍ପାଦନକାରୀଙ୍କୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥାନୀୟ ନିର୍ମାତାମାନଙ୍କ ସହ ଯୋଡ଼ିହେବା ଲାଗି ନିୟମିତ ଭାବେ ବ୍ୟବସାୟ ସମ୍ମିଳନୀ, କାରଖାନା ପରିଦର୍ଶନ ଏବଂ ଭାବ ବିନିମୟ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ପରୀକ୍ଷାମୂଳକ ବରାଦ ପ୍ରଦାନ ଜରିଆରେ ସେମାନଙ୍କୁ ପୁଞ୍ଜି ବ୍ୟୟ ଯୋଜନାରେ ସାମିଲ କରାଯାଉଛି ଏବଂ ଉତ୍ପାଦନରେ ଗୁଣାତ୍ମକ ବ୍ୟବସ୍ଥା ଓ ଅନ୍ୟାନ୍ୟ ଦିଗକୁ ସଂଗଠିତ କରିବା ଲାଗି ସେମାନଙ୍କୁ ସହଯୋଗ ପ୍ରଦାନ କରାଯାଉଛି। ନୂତନ ସ୍ଥାନୀୟ ଉତ୍ପାଦନକାରୀଙ୍କ ବିକାଶ ଲକ୍ଷ୍ୟ ନେଇ ଟିପିସିଓଡିଏଲ୍ ପକ୍ଷରୁ ଶ୍ରୀମତୀ ସୁବ୍ରତା ନାୟକ ନାମକ ଜଣେ ମହିଳା ଉଦ୍ୟୋଗୀଙ୍କ ନେତୃତ୍ୱରେ ପରିଚାଳିତ ମେମର୍ସ ଟେକ୍ନୋଟ୍ରାନ୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ସର୍ଭିସେସ୍‌ର ଏକ ନୂଆ ଇନଷ୍ଟ୍ରୁମେଣ୍ଟ ଟ୍ରାନ୍ସଫରମର (ସିଟି ଓ ପିଟି) ଉତ୍ପାଦନ କାରଖାନା ପାଇଁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ମିଟରିଂ ୟୁନିଟ୍ (ସିଟି-ପିଟି ୟୁନିଟ୍‌ର ମିଶ୍ରଣ) ଉତ୍ପାଦନ ଆରମ୍ଭ କରିବା ଲାଗି ମେସର୍ସ ଟେକ୍ନୋଟ୍ରାନ୍ସ ଓ ଟିପିସିଓଡିଏଲ୍ ମଧ୍ୟରେ ଏକ ବର୍ଷୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

# ପୁରୀ-ଅଯୋଧ୍ୟା ସିଧାଳସଳଖ ରେଳ ଓ ବିମାନ ସେବା ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ 'ହାରୋ'ର ଚିଠି

**ଭୁବନେଶ୍ୱର, ୧୨।୧(ସମିସ):** ଜଗନ୍ନାଥ ପୁରୀ ଓ ଅଯୋଧ୍ୟା ଭିତରେ ରେଳ ଓ ବିମାନ ସେବା ଆରମ୍ଭ ପାଇଁ ହୋଟେଲ୍ ଆଣ୍ଡ ରେଷ୍ଟୋରାଁ ଆସୋସିଏସନ୍ ଅଫ୍ ଓଡ଼ିଶା(ହାରୋ) ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ହାରୋର ଅଧ୍ୟକ୍ଷ ଜେ.କେ ମହାନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆଙ୍କୁ ଚିଠି ଲେଖି ଏହି ଦାବି ସମ୍ପର୍କରେ ଅବଗତ କରାଇଛନ୍ତି।


ଶ୍ରୀ ମହାନ୍ତି ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ଲେଖିଥିବା ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଗନ୍ନାଥ ଧାମ ପୁରୀ ଏହାର ସଂସ୍କୃତି ଓ ପରମ୍ପରା ପାଇଁ ସାରା ବିଶ୍ୱରେ ପରିଚିତ। ଜୁନ୍ ମାସରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଏହି କ୍ଷେତ୍ର ବିଶ୍ୱ ଦରବାରରେ ବେଶ ଖ୍ୟାତି ଅର୍ଜନ କରିଛି। ଏହାସହ ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ ହେଉଛି ପୁରୀର ସୁଦୀର୍ଘ ବେଳାଭୂମି। ଏହି ବେଳାଭୂମି 'ବ୍ଲୁ-ଫ୍ଲାଗ୍' ମାନ୍ୟତା ହାସଲ କରିବା ପରେ କିଛି ବର୍ଷ ମଧ୍ୟରେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ଆଶାତୀତ ଭାବେ ବୃଦ୍ଧି ପାଇଛି। ସେହିଭଳି ଏଠାରୁ ମାତ୍ର ୩୫ କିଲୋମିଟର ଦୂରରେ ବିଶ୍ୱ ଐତିହ୍ୟସ୍ଥଳ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକା ଏବଂ ଭିତରକନିକା ଜାତୀୟ ଉଦ୍ୟାନ ପରି ଦୁଇ ଦୁଇଟି ରାମସାର୍ ପ୍ରକଳ୍ପ ରହିଛି। ଅନ୍ୟପକ୍ଷେ ରାମ ଜନ୍ମ ଭୂମି ଅଯୋଧ୍ୟାକୁ ନେଇ ମଧ୍ୟ ଭକ୍ତଙ୍କ ଭିତରେ ଉତ୍ସାହ ଉଦ୍ଦୀପନା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ପୁରୀରୁ ଅଯୋଧ୍ୟାକୁ ଓ ଅଯୋଧ୍ୟାରୁ ପୁରୀକୁ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯିବାଆସିବା କରୁଛନ୍ତି। ତେଣୁ ଉଭୟ ସ୍ଥାନକୁ ରେଳପଥ ଓ ଆକାଶ ପଥରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ମହର୍ଷି ବାଲ୍ମିକୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ସହଜ ଓ ସୁବିଧାରେ ଗମନାଗମନ ବ୍ୟବସ୍ଥା ଉପଲବ୍ଧ ହୋଇପାରିଲେ ପର୍ଯ୍ୟଟକମାନେ ଉପକୃତ ହେବା ସହ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ରୁଷଠାରୁ ତେଲ କିଣିଲା ଆମେରିକା

**ମସ୍କୋ, ୧୨।୧ (ଏଜେନ୍ସି):** ଭାରତକୁ ବାରମ୍ବାର ଧମକ ଦେଉଥିବା ଆମେରିକା ରୁଷ୍‌ଠାରୁ ତୈଳ କିଣିଛି। ୟୁକ୍ରେନ ଯୁଦ୍ଧକୁ ନେଇ କଟକଣା ଲଗାଇବା ପରେ ଆମେରିକା ପ୍ରଥମ ଥର ଗତ ନଭେମ୍ବର ମାସରେ ରୁଷ୍‌ଠାରୁ ତୈଳ କିଣିଥିଲା। ଏହା ପୂର୍ବରୁ ୨୦୨୨ ମାର୍ଚ୍ଚରେ ରୁଷ୍‌ରୁ ତୈଳ ଏବଂ ଅନ୍ୟ ସମ୍ବଳ ଆମଦାନୀ ଉପରେ କଟକଣା ଲଗାଇ ଦେଇଥିଲା। ରୁଷ୍‌ର ଆର୍ଥିକ ସ୍ଥିତି ଭାଙ୍ଗିବା ପାଇଁ ଆମେରିକା ଏହି ପଦକ୍ଷେପ ନେଇଥିଲା। ଶେଷ ଥର ପାଇଁ ୨୦୨୨ ଏପ୍ରିଲରେ ଆମେରିକା କମ୍ପାନୀଗୁଡିକ ରୁଷ୍‌ଠାରୁ ତୈଳ କିଣି ଥିଲେ। ଏହି ଆମେରିକା ରୁଷ୍‌ଠାରୁ ତେଲ କିଣିବାକୁ ନେଇ ଭାରତକୁ ଅନେକ ଥର ଧମକ ଦେଇଥିଲା। କିନ୍ତୁ ଏବେ ନିଜେ ତେଲ କିଣିବାକୁ ବାଧ୍ୟ ହୋଇଛି। ରିପୋର୍ଟ ଅନୁଯାୟୀ ଆମେରିକା ୩୫ ଲକ୍ଷ ଡଲାରର ତୈଳ କିଣିଛି। ଏହା ମଧ୍ୟ ଆମେରିକାରେ ପହଞ୍ଚି ଯାଇଛି। ଏହାକୁ ନେଇ ଆମେରିକା ବୃଥା ଦାବି କରିଛି। ଜି୭ ଦେଶଗୁଡିକ ପକ୍ଷରୁ ଲଗା ଯାଇଥିବା ପ୍ରାଇସ କ୍ୟାପ କାମ କରୁଛି ବୋଲି କୁହାଯାଇଛି। ଏହା ଦ୍ୱାରା ତୈଳ ଯୋଗୁଁ ହେଉଥିବା ଆୟ ହ୍ରାସ ପାଇଛି। ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡୁଛି। ତେଣୁ ରୁଷ୍ ବ୍ୟାରେଲ ପିଛା ୬୦ ଡଲାରରୁ ଅଧିକ ମୂଲ୍ୟରେ ତୈଳ ବିକିପାରୁ ନାହିଁ।

# ନୂଆ କିଆ ସନେଟ୍ ଏସ୍‌ୟୁଭି ବଜାରରେ

**ଭୁବନେଶ୍ୱର,୧୨।୧(ସମିସ):** କିଆ ପକ୍ଷରୁ ଏହାର ନୂତନ କାର ସନେଟ୍ ଏସ୍‌ୟୁଭି ଫେସ୍‌ଲିଫ୍ଟ ମଡେଲର ବଜାର ପ୍ରବେଶ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ ଏହାର ବଜାର ପ୍ରବେଶ କରାଇଥିଲେ। ଏହି ଅବସରରେ ସେଣ୍ଟ୍ରାଲ କିଆର ଜିଏମ୍ ପ୍ରଶାନ୍ତ ବେହେରା ଉପସ୍ଥିତ ଥିଲେ। ନୂଆ କିଆ ସନେଟ୍‌ର ବିଶେଷତ୍ୱ ହେଉଛି ଯେ, ଏହା ୭ଟି ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ଏବଂ ପୂର୍ବରୁ ପ୍ରଚଳିତ ସନେଟ୍ ଠାରୁ ଭିନ୍ନ। ଏହା ଉଭୟ ପେଟ୍ରୋଲ ଏବଂ ଡିଜେଲ ଭର୍ସନରେ ରହିଛି। ଏଥିସହିତ ସନରୁଫ୍, ହାଇ କ୍ୱାଲିଟି ଡିଜିଟାଲ ମିଟର ରହିଛି। ନୂତନ କିଆ ସନେଟ୍ ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ନିର୍ମିତ। ଗାଡିଟିର ବିଶେଷତ୍ୱକୁ ପରଖିବାପାଇଁ ଗ୍ରାହକ ମାନଙ୍କୁ ଟେଷ୍ଟ ଡ୍ରାଇଭ୍ ନେବା ପାଇଁ ସେଣ୍ଟ୍ରାଲ କିଆର ସତ୍ୱାଧିକାରୀ ବିଶାଲ ଧୱନ୍ ଗ୍ରାହକଙ୍କୁ ଅନୁରୋଧ କରିଛନ୍ତି। ସେହିପରି ପାତ୍ରପଡ଼ାର ତୃପ୍ତି କିଆଠାରେ ଆର୍‌ଟିଓ-୨ ସନତ୍ କୁମାର ଜେନା ନୂଆ ସନେଟ୍ ଫେସ୍‌ଲିଫ୍ଟ ମଡେଲର ବଜାର ପ୍ରବଶେ କରାଇଥିଲେ। ଏହି ଅବସରରେ ତୃପ୍ତି କିଆର ଏମ୍‌ଡି ବଦ୍ରିନାରାୟଣ ସାମନ୍ତରାୟ ଉପସ୍ଥିତ ଥିଲେ। ନୂଆ ସନେଟ୍‌ର ଏକ୍ସ ଶୋ ରୁମ୍ ମୂଲ୍ୟ ୭.୯୯ ଲକ୍ଷ ଟଙ୍କା ରହିଛି। ବଜାର ପ୍ରଥମ ଦିନରେ ତୃପ୍ତି କିଆରେ ୧୫ଟି ଗାଡ଼ି ବୁକିଂ ଗ୍ରହଣ ହୋଇଛି।




ତୃପ୍ତି କିଆ




ସେଣ୍ଟ୍ରାଲ କିଆ

# ଜାତୀୟ କ୍ୱାଲିଟି କନସେପ୍ଟରେ ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ୧୦ ପୁରସ୍କାର



**ଭୁବନେଶ୍ୱର,୧୨।୧(ସମିସ):** କ୍ୱାଲିଟି ସର୍କଲ ଫୋରମ୍ ଦ୍ୱାରା ଆୟୋଜିତ ୩୭ତମ ଜାତୀୟ ସମ୍ମିଳନୀରେ କ୍ୱାଲିଟି କନସେପ୍ଟ ୨୦୨୩ରେ ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସର ଯାଜପୁର ପ୍ଲାଣ୍ଟର କ୍ୱାଲିଟି ସର୍କଲ ଦଳ ୧୦ଟି ପାର ଏକ୍ସଲେନ୍ସ ପୁରସ୍କାର ଜିତିଛି। ମହାରାଷ୍ଟ୍ରର ନାଗପୁରରେ ଆୟୋଜିତ ଏକ ଚାରି ଦିନିଆ କାର୍ଯ୍ୟକ୍ରମରେ ଘୋଷିତ ଏହି ସମ୍ମାନଜନକ ପୁରସ୍କାରଗୁଡିକ ଗୁଣାତ୍ମକ ପରିଚାଳନା ଅଭ୍ୟାସରେ ଉତ୍କର୍ଷତା ଏବଂ ନୂତନତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସମ୍ମାନିତ କରିଛି। ଏହି ବାର୍ଷିକ କାର୍ଯ୍ୟକ୍ରମର ୩୭ତମ ସଂସ୍କରଣ, ୬୦୦ରୁ ଅଧିକ ଶିଳ୍ପ ସଂସ୍ଥାନମାନଙ୍କର ଗୁଣବତ୍ତାକୁ ନେଇ ନାନା ସଫଳତାର କାହାଣୀ ଉପରେ ଆଲୋକପାତ କରିଥିଲା।ଜିନ୍ଦଲ ଷ୍ଟେନଲେସରୁ ଅଂଶଗ୍ରହଣ କରିଥିବା ୧୦ଟି କ୍ୱାଲିଟି ସର୍କଲ ଦଳ୧୦ଟି ପାର- ଏକ୍ସଲେନ୍ସ ପୁରସ୍କାର ବ୍ୟତୀତ, ଗୁଣାତ୍ମକ ସର୍କଲ୍ ଦଳ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଚାରୋଟି ସାନ୍ତ୍ୱନାମୂଳକ ପୁରସ୍କାର ଅର୍ଜନ କରିଥିଲେ। ମୂଲ୍ୟାଙ୍କନ ମାନଦଣ୍ଡରେ କେସ୍ ଷ୍ଟଡିଜ୍, ପ୍ରୋଜେକ୍ଟ ଜ୍ଞାନ ପରୀକ୍ଷା ଏବଂ ବିଷୟ-ନିର୍ଦ୍ଦିଷ୍ଟ ଉପସ୍ଥାପନାଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଦଳଗୁଡିକ କେସ୍ ଷ୍ଟଡିଜ୍ ଦାଖଲ କରିଥିଲେ ଏବଂ ୫ଏସ, କାଇଜେନ୍, ଲିନ୍ କ୍ୱାଲିଟି ସର୍କଲ୍ ଇତ୍ୟାଦି ସହିତ ନିରନ୍ତର ଉନ୍ନତି ଏବଂ ଦକ୍ଷତା ପାଇଁ ସଂଗଠନରେ ବ୍ୟବହୃତ ବିଭିନ୍ନ ଧାରଣା ଉପରେ ଉପସ୍ଥାପନ କରିଥିବା ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି।

ବୟକଟ୍ ମାଳଦ୍ୱୀପର ପ୍ରଭାବ

# ମାଳଦ୍ୱୀପର ଦୈନିକ କ୍ଷତି ୮.୬୪ କୋଟି

**ନୂଆଦିଲ୍ଲୀ,୧୨।୧(ଏଜେନ୍ସି)**

ଗୋଟିଏ ଭୁଲ ପାଇଁ ଦଣ୍ଡ କେତେ ଗୁରୁତର ହୋଇପାରେ ତାହାର ମାଳଦ୍ୱୀପ ହେଉଛି ପ୍ରକୃଷ୍ଟ ଉଦାହରଣ। ନିକଟରେ ମାଳଦ୍ୱୀପର ମନ୍ତ୍ରୀ ଭାରତ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ମୀଦ୍ୱୀପ ଗସ୍ତକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଯାହା ପରେ ଦେଶରେ ବଏକଟ୍ ମାଳଦ୍ୱୀପ ଟ୍ରେଣ୍ଡ କରିବା ଆରମ୍ଭ କରିଛି। ଏଥିସହିତ, ବର୍ତ୍ତମାନ ମାଳଦ୍ୱୀପ ଉପରେ ବଏକଟ୍‌ର ପ୍ରଭାବ ମଧ୍ୟ ଦୃଶ୍ୟମାନ ହେଉଛି। ଭାରତର ବ ଏକଟ୍ ଯୋଗୁଁ ମାଳଦ୍ୱୀପ ପର୍ଯ୍ୟଟନ କ୍ଷେତ୍ରରେ ଦୈନିକ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ପରିସ୍ଥିତିକୁ ପରିଚାଳନା କରିବା ପାଇଁ ମାଳଦ୍ୱୀପ ସେଠାକୁ ଯାତ୍ରା ଖର୍ଚ୍ଚକୁ ଅଧା କରିଦେଇଛି, ତଥାପି ଭାରତୀୟମାନେ ସେଠାକୁ ଯିବାକୁ ପ୍ରସ୍ତୁତ ନୁହଁନ୍ତି। ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଏଭଳି ଦୁରାବସ୍ଥାରେ ଏହି ଶିଳ୍ପ ସହ ଜଡିତ




ସେଠାକାର ପ୍ରାୟ ୪୪ ହଜାର ପରିବାର ଉପରେ ଏବେ ସଙ୍କଟ ଆସିଯାଇଛି।

ଏହି ପୁରା ବିବାଦ ପୂର୍ବରୁ ମାଳଦ୍ୱୀପ ଭାରତୀୟଙ୍କ ପ୍ରିୟ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ରହିଥିଲା। ପ୍ରତିବର୍ଷ ଲକ୍ଷ ଲକ୍ଷ ଭାରତୀୟ ସେଠାକୁ ଭ୍ରମଣରେ ଯାଉଥିଲେ। ମାଳଦ୍ୱୀପ ସରକାରଙ୍କ କହିବାନୁଯାୟୀ, ଭାରତୀୟଙ୍କ ଦ୍ୱାରା ବଏକଟ୍ ଯୋଗୁ ଏବେ ୪୪ ହଜାର ପରିବାର ସମସ୍ୟାରେ ଅଛନ୍ତି। ଅନ୍‌ଲାଇନ୍ ଟ୍ରାଭେଲ୍ ପୋର୍ଟାଲରେ ମଧ୍ୟ ଲୋକମାନେ ମାଳଦ୍ୱୀପ ପରିଦର୍ଶନ ପାଇଁ ସର୍ଚ୍ଚ ବନ୍ଦ କରିଦେଇଛନ୍ତି। ଏହା ପରିବର୍ତ୍ତେ, ଲକ୍ଷ୍ମୀଦ୍ୱୀପ ସର୍ଚ୍ଚ ୩୪ ଗୁଣରୁ ଅଧିକ ବୃଦ୍ଧି ପାଇଛି। ଗତ ବର୍ଷ କେବଳ ଭାରତୀୟମାନେ ମାଳଦ୍ୱୀପରେ ୩୮୦ ନିୟୁତ ଡଲାର (ପ୍ରାୟ ୩୧୫୨ କୋଟି ଟଙ୍କା) ଖର୍ଚ୍ଚ କରିଥିଲେ। ଏହାର ଅର୍ଥ ଯଦି ଭାରତୀୟମାନେ ସେଠାକୁ ଯିବା ବନ୍ଦ କରନ୍ତି, ତେବେ ମାଳଦ୍ୱୀପ ଦିନକୁ ୮.୬ କୋଟି ଟଙ୍କାର କ୍ଷତି ସହିପାରେ।

ଅନ୍‌ଲାଇନ୍ ଟ୍ରାଭେଲ ବୁକିଂ କମ୍ପାନୀ ମେକ୍ ମାଇଁ ଟ୍ରିପ୍ କହିଛି ଯେ ଗତ ଏକ ସପ୍ତାହରେ ଲକ୍ଷ୍ମୀଦ୍ୱୀପଙ୍କ ପାଇଁ ଅନ୍‌ଲାଇନ୍‌ରେ ସର୍ଚ୍ଚ ୩୪୦୦ ପ୍ରତିଶତ ବୃଦ୍ଧି ଘଟିଛି। ପର୍ଯ୍ୟଟକଙ୍କ ଉଦାସୀନତା ଏବଂ ସେମାନଙ୍କୁ ଆକର୍ଷିତ କରିବା ପାଇଁ ଟ୍ରାଭେଲ ଏଜେଣ୍ଟମାନେ ମଧ୍ୟ ମାଳଦ୍ୱୀପ ଭ୍ରମଣ ମୂଲ୍ୟକୁ ୪୦ ପ୍ରତିଶତ ହ୍ରାସ କରିଛନ୍ତି। ଏହା ନୁହେଁ ଯେ କେବଳ ଟୁର୍ ପ୍ୟାକେଜ୍ ହ୍ରାସ ପାଇଛି। ଭାରତରୁ ମାଳଦ୍ୱୀପକୁ ବିମାନ ଭଡା ମଧ୍ୟ ହ୍ରାସ ପାଇଛି। ପୂର୍ବରୁ ଗୋଟିଏ ପାର୍ଶ୍ୱ ଯାତ୍ରା ଭଡ଼ା ୨୦ ହଜାର ଟଙ୍କା ରହିଥିବାବେଳେ ବର୍ତ୍ତମାନ ଏହା ୧୨ରୁ ୧୫ ହଜାର ଟଙ୍କାକୁ ଖସିଆସିଛି। ମେକ୍ ମାଇଁ ଟ୍ରିପ୍ ୱେବସାଇଟରେ ଦିଲ୍ଲୀରୁ ମାଳଦ୍ୱୀପ ପର୍ଯ୍ୟନ୍ତ ଭଡା ଜାନୁଆରୀ ୧୭ ନିମନ୍ତେ ମାତ୍ର ୮୨୧୫ ଟଙ୍କା ବୋଲି ଦର୍ଶାଯାଇଛି। ଏହି ଦିନ ଦିଲ୍ଲୀ-ଚେନ୍ନାଇ ବିମାନ ଭଡା ୮୨୪୫ ଟଙ୍କା ରହିଛି।

**ଟୁର୍ ପ୍ୟାକେଜ୍ ଚାର୍ଜ ଅଧାକୁ ଖସାଇଲା ମାଳଦ୍ୱୀପ**

**ସଙ୍କଟରେ ୪୪ ହଜାର ପରିବାର**

## ସାଧା ପୋଷାକଧାରୀ ପୁଲିସ ହେଲେ ହଟହଟା

**ବେଗୁନିଆ,୧୨।୧(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗାଁରେ ଗୁରୁବାର ବିଳମ୍ବିତ ରାତିରେ ନବରଙ୍ଗପୁର ପୁଲିସକୁ ହଟହଟା ହେବାକୁ ପଡ଼ିଛି। ସୂଚନା ଅନୁଯାଇ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାଧା ପୋଷାକରେ ଆସି ପରିବାର ଲୋକଙ୍କ ଦ୍ୱାରା ପୁଲିସକୁ ଅଟକାଇ ରଖିଥିବା ଚର୍ଚ୍ଚା ଯୋର ଧରିଛି। ଖବର ପାଇ ବେଗୁନିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବାରେ ଅଟକ ଥିବା ପୁଲିସ ଜଣଙ୍କ ଉଦ୍ଧାର ହୋଇଥିବା ଜଣାପଡିଛି।

ମିଳିଥିବା ଖବର ମୁତାବକ ପରିଛଳ ଗ୍ରାମର ଜଣେ ଯୁବକଙ୍କ ଇଣ୍ଡିଆନ ବ୍ୟାଙ୍କ ବାଘମାରି ଶାଖା ଜମା ଖାତାକୁ ନଗଦ ୨୦ହଜାର ଟଙ୍କା ଦାଖଲ ହୋଇଥିବା ଟଙ୍କାକୁ ଜଣେ ସାଇବର କେଳେଙ୍କାରୀ ଅଭିଯୁକ୍ତ ଦାଖଲ କରିଥିବାରୁ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଥିଲା। ତେବେ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ନଂ ଟ୍ରାକ ମାଧ୍ୟମରେ ପରିଛଳ ଗ୍ରାମର ବୋଲି ଜାଣିବାକୁ ପାଇଥିଲେ। ପରେ ନବରଙ୍ଗପୁର ଥାନାର ଜଣେ ଏସ୍‌ଆଇ ଓ ତାଙ୍କର ସହକର୍ମୀ ୩ ଜଣ ମିଶି ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ପରିଛଳ ଗ୍ରାମକୁ ସାଧା ପୋଷାକରେ ଯାଇ ପୁଲିସର ପରିଚୟ ଦେଇ ଯୁବକଙ୍କ ଘରେ ବଳପୂର୍ବକ ପଶିଥିଲେ। ପରିବାର ଲୋକେ ବିରୋଧ କରିବାରୁ ସେଠାରେ କଥା କଟାକଟି ହୋଇ ପରିସ୍ଥିତି ଏପରି ହୋଇଥିଲା ଅନ୍ୟ ୩ଜଣ ପୁଲିସ କର୍ମଚାରୀମାନେ ସେଠାରୁ ଖସି ପଳାଇବାକୁ ଉପାୟ ନଥିଲା। ଏସ୍‌ଆଇ ଜଣଙ୍କୁ ଲୋକେ ପୁଲିସର ପରିଚୟ ପତ୍ର ମାଗିବା ସହ ଅଟକେଇ ରଖିଥିଲେ। ଖବର ପାଇ ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଅଟକ ଥିବା ଏସ୍‌ଆଇଙ୍କୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ବେଗୁନିଆ ଥାନା ଅଧିକାରୀ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ସ୍ଥାନୀୟ ପୁଲିସ ନିକଟରେ କୌଣସି ସୂଚନା ନଥିଲା ବୋଲି କହିଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବାଣପୁର,୧୨।୧(ସମିସ):** ବାଣପୁର କଲେଜ ଛକ ନିକଟସ୍ଥ ୟୁକୋ ବ୍ୟାଙ୍କ ସମ୍ମୁଖ ରାସ୍ତାରେ ସାଇକଲ ଆରୋହୀ ବାଣପୁର ଥାନା କୁମାରାଙ୍ଗ ଗ୍ରାମର ଶିବ ମହାରଣାଙ୍କୁ ଏକ ବାଇକ୍ ଦୃତ ଗତିରେ ଆସି ଧକ୍କା ଦେଇଥିଲା। ତାଙ୍କୁ ଚିକିତ୍ସା ନିମନ୍ତେ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଶିବଙ୍କର ସନ୍ଧ୍ୟା ସମୟରେ ମୃତ୍ୟୁ ଘଟି ଥିବା ଜଣାଯାଇଛି।

ସୂଚନା ମୁତାବକ କୁମାରାଙ୍ଗ ଗ୍ରାମର ଶିବ ମହାରଣା ଘରୁ ଏକ ସାଇକଲ ଯୋଗେ ବାଣପୁର ବଜାରକୁ ଆସୁଥିବା ବେଳେ ସେହି ସମୟରେ ବାଣପୁର ଥାନା ଅନ୍ତର୍ଗତ ସୁନାକେରା ଗ୍ରାମର ବବୁଲ ସାହୁ ସ୍ପୋଟସ ବାଇକ୍ ରେ ଦୃତ ଗତିରେ ଆସି ୟୁକୋବ୍ୟାଙ୍କ ସମ୍ମୁଖ ରାସ୍ତାରେ ଶିବ ମହାରଣାଙ୍କୁ ପଛପଟୁ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଶିବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ବାଣପୁର ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସନ୍ଧ୍ୟାରେ ଶିବ ମୃତ୍ୟୁ ବରଣ କରିଥିବା ଜଣା ଯାଇଛି। ଏ ନେଇ ଶିବଙ୍କ ସ୍ତ୍ରୀ କୁନି ମହାରଣା ବାଣପୁର ଥାନାରେ ଅଭିଯୋଗ କରିବା ପରେ ବାଣପୁର ପୁଲିସ ଘଟଣା ସ୍ଥଳରୁ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ଠକେଇ ମାମଲାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ

**ବାଲୁଗାଁ,୧୨।୧(ସମିସ):** ନିଜର ବାସଗୃହ ବିକ୍ରି ଉଦ୍ଦେଶ୍ୟରେ ଅଗ୍ରୀମ ଟଙ୍କା ନେଇ ପରବର୍ତ୍ତି ସମୟରେ ଠକେଇ କରିଥିବା ଅଭିଯୋଗରେ ବାଲୁଗାଁ ପୁଲିସ ସ୍ଥାନୀୟ ଗୋପୀନାଥପୁର ଗ୍ରାମର ଠକ ଭାସ୍କର ପାଢ଼ୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଭିଯୋଗରୁ ଜଣାଯାଇଛି, ଭାସ୍କର ଉକ୍ତ ଗୋପୀନାଥ ପୁର ଗ୍ରାମର କାମିନୀବାଳା ନାୟକଙ୍କୁ ନିଜ ଘର ବିକ୍ରି ନିମନ୍ତେ ୧୮ ଲକ୍ଷ ଟଙ୍କା ଚୁକ୍ତି କରିଥିଲେ। ଏ ବାବଦରେ ଏକ ବର୍ଷ ପୂର୍ବେ ଭଦ୍ର ଲୋକଙ୍କ ଉପସ୍ଥିତିରେ କାମିନୀ ଅଗ୍ରୀମ ୬ଲକ୍ଷ ଟଙ୍କା ଦେଇ ଥିବା ବେଳେ ଅବଶିଷ୍ଟ ଜାଗା ରେଜେଷ୍ଟ୍ରି ପରେ ଦେବେ ବୋଲି ଚୁକ୍ତି ହୋଇଥିଲା। ଦିନ ପରେ ଦିନ ଗଡେଇ ଭାସ୍କର ରେଜେଷ୍ଟ୍ରି ତ ଦୂରର କଥା ଧରା ଛୁଆଁ ଦେଇ ନଥିଲେ। ଶେଷରେ ବାଧ ହୋଇ ନ୍ୟାୟ ପାଇଁ କାମିନୀ ବାଲୁଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ବାଲୁଗାଁ ଥାନା କେଶ ନମ୍ବର ୩୨୨/୨୩ ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରିବାରେ ଭାସ୍କର ନାମରେ ଉକ୍ତ ଘର ନଥିବା ଏବଂ ଜାଣି ଶୁଣି ଠକେଇ କରି ଥିବା ଜଣା ପଡିଥିଲା। ଏହି ମାମଲାରେ ଅଭିଯୁକ୍ତ ଭାସ୍କରକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍ ଘଟଣା; ଜଣେ ଗିରଫ

**ବାଲୁଗାଁ,୧୨।୧( ସମିସ):** ବାଲୁଗାଁ ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ ଉମାମହେଶ୍ୱର ଦେବଙ୍କ ମନ୍ଦିର ପରିସରର ଭିତର ହୁଣ୍ଡି ବାକ୍ସ ଭାଙ୍ଗି ଲୁଟ ଉଦ୍ୟମ ଘଟଣା ସ୍ଥାନୀୟ ଅଞ୍ଚଳରେ ଚହଳ ସୃଷ୍ଟି କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରିବାରେ ଏହି ଘଟଣାରେ ଦୁଇ ଜଣ ଦୁର୍ବୃତ୍ତ ସମ୍ପୃକ୍ତ ଥିବା ପୁଲିସ ତଦନ୍ତରୁ ଜଣା ପଡିଥିଲା। ତେବେ ଦୀର୍ଘ ତିନି ମାସ ପରେ ବର୍ତମାନ ପୁଲିସ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଦୁବୃର୍ତ ଜଣଙ୍କ ହେଲେ ସ୍ଥାନୀୟ ଗୋପୀନାଥପୁର ନୂଆ ସାହିର ଅନୁପ ସିଂହସାମନ୍ତ (୨୩)।

ସୂଚନା ଥାଉ କି, ଗତ ଅକ୍ଟୋବର ୧୭ତାରିଖ ବିଳମ୍ବିତ ରାତ୍ରିରେ ବାଲୁଗାଁ ଉମାମହେଶ୍ୱର ଦେବୀଙ୍କ ମନ୍ଦିର ଭିତର ହୁଣ୍ଡୀ ଭାଙ୍ଗି ଲୁଟ ଉଦ୍ୟମ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡର ଅଭିଯୋଗ କ୍ରମେ ପୁଲିସ ୨୮୧/୨୩ରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିଲା। ତେବେ ଅନ୍ୟ ଅଭିଯୁକ୍ତ ଜଣକ ଫେରାର ଥିବା ବେଳେ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି।

### ବଡ଼ପୋଖରୀଆ, କମାଗୁରୁ ଓ ବଡ଼ବେରଣା ପଞ୍ଚାୟତରେ ଅର୍ପଣ ରଥ

# ହରିବୋଲ ହୁଳହୁଳିରେ କମ୍ପିଲା ଗାଁ ଦାଣ୍ଡ




**ବେଗୁନିଆ,୧୨।୧(ସମିସ)**

ବେଗୁନିଆ ବ୍ଲକ ବଡ଼ବେରଣା ଗ୍ରାମର ଆରାଧ୍ୟ ଦେବତା ଜଳେଶ୍ୱର ଦେବଙ୍କ ପୀଠରେ ଶ୍ରୀଜଗନ୍ନାଥଙ୍କ ପରିକ୍ରମା ଅର୍ପଣ ରଥ ପହଁଚିବା ପରେ ଗ୍ରାମ ପରିକ୍ରମା କରିଥିଲା। ଏହି ପରିକ୍ରମାରେ ସରପଞ୍ଚ ଅସିତ କୁମାର ତ୍ରିପାଠୀ, ୱାର୍ଡ ସଭ୍ୟ, ଅଙ୍ଗନବାଡି କର୍ମୀ, ଏମବିକେ, ମହିଳା ମହାସଂଘର କର୍ମକର୍ତା ଓ ଆଶା କର୍ମୀମାନେ ଯୋଗଦେଇଥିଲେ। ସ୍ଥାନୀୟ ଲୋକମାନେ ନିଜ ନିଜ ଦୁଆରେ ଚିତା, ଝୋଟି ପକାଇ ଓ କୁମ୍ଭ ରଖି ରଥକୁ ସ୍ୱାଗତ କରିଥିବା ବେଳେ ଖୋଳତାଳ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଅକ୍ଷତ , ଗୁଆ ଓ ନୈବେଦ୍ୟ ଅର୍ପଣ କରିଥିଲେ। ଏହି ରଥ ଦୁଇ ଦିନ ରହି ଅନ୍ୟ ଗ୍ରାମ ଗୁଡିକ ପରିକ୍ରମା କରିବ ବୋଲି ଜଣାପଡିଛି।

**ନିରାକାରପୁର:** ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରୀଆ ଓ କମାଗୁରୁ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଏହି ଜଗନ୍ନାଥ ରଥକୁ ବଡ଼ପୋଖରୀଆ ପଞ୍ଚାୟତ ଜିଲ୍ଲା ପରିଷଦ ସଭ୍ୟା ମିତାଞ୍ଜଳୀ ବଳିଆରସିଂହ ସରପଞ୍ଚ ରୁନୁ ସେଠୀ, ନାଏବ ସରପଞ୍ଚ ଶ୍ରୀନିବାସ ପ୍ରଧାନ, ସମିତି ସଭ୍ୟା ଜ୍ୟୋସ୍ନାରାଣୀ ଜେନା, ୱାର୍ଡ ମେମ୍ବର , ପିଇଓ ରଶ୍ମିତା ରାଣୀ ସ୍ୱାଇଁ, ଜିଆରଏସ ପ୍ରଭାସ କୁମାର ଓଝା ପ୍ରମୁଖ ସହଯୋଗ କରିଥିଲେ। ସେହିପରି କମାଗୁରୁ ସରପଞ୍ଚ ସୁନୀତା ଚମ୍ପତି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି , ନାଏବ ସରପଞ୍ଚ ଆଶୁତୋଷ ମହାପାତ୍ର , ପିଇଓ, ଜିଆରଏସ ପ୍ରମୁଖ ଉପସ୍ଥିତ ରହି ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶୁକ୍ରବାର ବଡ଼ପୋଖରୀଆ ଓ କମାଗୁରୁ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରି ପ୍ରତ୍ୟେକ ଗୃହରୁ ଭକ୍ତମାନଙ୍କ ଠାରୁ ଅକ୍ଷତ ଓ ଗୁଆ ସଂଗ୍ରହ କରିଥିଲା। ଏହି ପରିକ୍ରମା ରଥ ସହିତ ଉତ୍ସାହୀ ଗ୍ରାମବାସୀ ଓ ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ।

### ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ଟାଙ୍ଗୀ ରଘୁନାଥ ସ୍ପୋର୍ଟସ କ୍ଲବ୍



**ନିରାକାରପୁର,୧୨।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା'ଭଗବତୀ ଫୁଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଶୁକ୍ରବାର ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଟାଙ୍ଗୀ ରଘୁନାଥ ସ୍ପୋର୍ଟସ କ୍ଲବ ଓ ଇଟାମାଟି ଯଦୁମଣି ସ୍ପୋର୍ଟସ କ୍ଲବ୍ ମଧ୍ୟରେ ହୋଇଥିଲା। ଖେଳରେ ଟାଙ୍ଗୀ ରଘୁନାଥ ସ୍ପୋର୍ଟସ କ୍ଲବ୧-୦ ଗୋଲରେ ଯଦୁମଣି ସ୍ପୋର୍ଟସ କ୍ଲବ ଇଟାମାଟିକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ଚିତରଞ୍ଜନ ପରିଡ଼ା, ନୃସିହ ଚରଣ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟଅତିଥିଭାବେ ସମାଜସେବୀ ତଥା ବିଶିଷ୍ଟ ବ୍ୟବସାୟୀ ପୁଷ୍ପରଞ୍ଜନ ସାହୁ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ପୋଷ୍ଟମାଷ୍ଟର ଭାସ୍କର ବେହେରା, କ୍ଲବ ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା, ରମେଶ ନାୟକ, ସୁକେଶ୍ ପରିଡ଼ା, ପପି ପାଇକରାୟ ଓ କାଳିଆ ମାଝୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁ ଚରଣ ସେଠୀ, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବିରଳ କୁରୁବଳ ପକ୍ଷୀ ଉଦ୍ଧାର

**କାଳୁପଡାଘାଟ,୧୨।୧(ସମିସ):** ଚଣ୍ଡେଶ୍ୱରରେ ବିରଳ ପ୍ରଜାତିର କୁରୁବଳ ପକ୍ଷୀ ଉଦ୍ଧାର ହୋଇଛି। ଶୁକ୍ରବାର ସକାଳେ ଗୋଟିଏ କୁରୁବଳ ପକ୍ଷୀ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର ରେ ବୁଲୁଥିବା ସ୍ଥାନୀୟ ଯୁବକ ଦେଖି ପକ୍ଷୀ ଶାବକକୁ ଉଦ୍ଧାର କରି ଏକ ପଞ୍ଜୁରୀରେ ରଖିଥିଲେ। ଏହି ଘଟଣା ସାମ୍ବାଦିକମାନେ ଜାଣିବା ପରେ ଟାଙ୍ଗୀ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଟାଙ୍ଗୀ ବନ ବିଭାଗର ଟିମ୍ ଘଟଣା ସ୍ଥଳରେ ପହଁଞ୍ଚି ପକ୍ଷୀ ଶାବକକୁ ଉଦ୍ଧାର କରିଛନ୍ତି। ଏହି କୁରୁବଳ ପକ୍ଷୀ ଶାବକ ଏକ ବିଲୁପ୍ତ ପ୍ରଜାତିର ବୋଲି ଜଣାପଡିଛି। ଏହି କୁରୁବଳ ପକ୍ଷୀର ଇଂରାଜୀ ନାମ ହ୍ୱାଇଟ ବେଲିଡ ସି ଇଗଲ।



## ମଦ ଜବତ; ୪ ଗିରଫ

**ଟାଙ୍ଗୀ/କାଳୁପଡାଘାଟ, ୧୨।୧(ସମିସ):** ଟାଙ୍ଗୀ ଅବକାରୀ ପୁଲିସ ଏକ ବିଶେଷ ସୂତ୍ରରୁ ଖବର ପାଇ ଚୋରା ମଦ ବେପାରୀଙ୍କୁ ସାବାଡ଼ କରିବା ପାଇଁ ଗୋଟିଏ ଦିନରେ ୩ଟି ସ୍ଥାନରେ ଚଢ଼ଉ କରି ୪ଜଣ ମଦ ବେପାରୀଙ୍କୁ ଗିରଫ କରିଛି। ଜରିପଡାରେ ଚଢ଼ାଉ କରି ହୁଲାସ ଓ ବିଶ୍ୱନାଥ ବେହେରା, ସୋରଣରେ ଚଢ଼ାଉ କରି ମିଥୁନ ଦାଶଙ୍କ ସହ ଟାଙ୍ଗୀରେ ଚଢ଼ାଉକରି ଚରଣ ମହାରଣାଙ୍କୁ ଗିରଫ କରଛି। ସେମାନଙ୍କ ନିକଟରୁ ୩୪ ଲିଟର ଦେଶୀ ରନ୍ଧାମଦ ସହ ୧୦ ଲିଟର ଆସ୍କା ୪୦ ମଦ ଜବତ କରିଚି ଅବକାରୀ ପୁଲିସ।



## ୧୪ରୁ କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା,୧୨।୧(ସମିସ):** ଖୋର୍ଦ୍ଧା ବ୍ଲକ କାଇପଦର ଠାରେ ଦ୍ୱିତୀୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୪ରୁ ଆରମ୍ଭ ହେବ। ସତ୍ୟପୀର ସ୍ପୋର୍ଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ମାର୍ଥାପୁର ଢେଙ୍କାନାଳ ବନାମ କେନ୍ଦ୍ରାପଡ଼ା ମଧ୍ୟରେ ମ୍ୟାଚ୍ ହେବ। ଦ୍ୱିତୀୟ ଦିବସରେ କାଇପଦର ବନାମ କଳିଙ୍ଗ କ୍ଲବ, ୩ ଦିବସରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ୧୭ତାରିଖ କୁମାରବସ୍ତ ବନାମ ମଞ୍ଚେଶ୍ୱର, ୧୮ ରେ ଭାଲିଆବାଡି ବନାମ ଚୌଦ୍ୱାର ମ୍ୟାଚ ଖେଳାଯିବ। ୧୯ ତାରିଖରେ ଦିତୀୟ ସେମିଫାଇନାଲ ଏବଂ ୨୧ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଝଜ ସାମନ୍ତରାୟ ସୂଚନା ଦେଇଛନ୍ତି।

## ବ୍ଲକ୍‌ସ୍ତରୀୟ ଲୋକକଳା ସଂଘର କର୍ମଶାଳା



**ଖୋର୍ଦ୍ଧା,୧୨।୧(ସମିସ):** ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ବ୍ଲକ ଲୋକ କଳା ସଂସ୍କୃତି ସଂଘ ପକ୍ଷରୁ ସଂସାଧନ ସଭ୍ୟଙ୍କ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବ୍ଲକର ୫୨ଟି ଲୋକ କଳା ଦଳର ପ୍ରମୁଖ କଳାକାର ଅଂଶଗ୍ରହଣ କରିଥିବା ବେଳେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକ କଳାର ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକରେ ଥିବା ସବୁ କଳାକାରଙ୍କ ସୁବିଧା ଅସୁବିଧା ଓ ସରକାରଙ୍କ ଦ୍ୱାରା କାର୍ଯ୍ୟକାରିତା ହେଉଥିବା ବିଭିନ୍ନ ଯୋଜନାକୁ କିଭଳି ଲୋକ କଳା ମାଧ୍ୟମରେ ପ୍ରଚାରିତ କରାଯିବ ଆଲୋକପାତ କରାଯାଇଥିଲା। କର୍ମଶାଳାରେ ଖୋର୍ଦ୍ଧା ବ୍ଲକ ତଥା ଖୋର୍ଦ୍ଧା ଜିଲ୍ଲା ଲୋକକଳା ସଂସ୍କୃତି ସଂଘର ଉପସଭାପତି କବିରାଜ ପ୍ରଧାନ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଖୋର୍ଦ୍ଧା ବ୍ଲକ କଳା ସଙ୍ଘ ର ସମ୍ପାଦକ ତଥା ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

DADLS-76



ଓଡ଼ିଶା ସରକାର
ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଜୟଦେବ ଭବନ ଅପରାହ୍ଣ - ୩ ଘଟିକା
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

ସନ୍ଧ୍ୟା ଘ. ୫.୩୦ ମିନିଟ ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ, ବ୍ରହ୍ମପୁର,
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ, ଆସିକା,
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ସୋରଡ଼ା
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା, ଆସିକା
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ, ବ୍ରହ୍ମପୁର
ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ, ଛତ୍ରପୁର
ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ – ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0249/2324

### ଜିଲ୍ଲାସ୍ତରୀୟ ବାଳିକା ଖୋ-ଖୋ ଏବଂ କବାଡ଼ି ପ୍ରତିଯୋଗିତା

## କବାଡ଼ିରେ ବାଲିପାଟଣା , ଖୋ-ଖୋରେ ଜଟଣୀ ବ୍ଲକ୍ ଚାମ୍ପିଅନ

**ଖୋର୍ଦ୍ଧା,୧୨।୧(ସମିସ)**




ଖୋର୍ଦ୍ଧା ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ବାଳିକା ଖୋ-ଖୋ ଏବଂ କବାଡି ପ୍ରତିଯୋଗିତା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୦ଟି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ବଚ୍ଛା ହୋଇ ଆସିଥିବା ଝିଅମାନଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପଟ୍ଟନାୟକ ଖେଳକୁ ଉଦ୍‌ଘାଟନ କରିଥିଲେ। କବାଡି ପ୍ରତିଯୋଗିତାରେରେ ବାଲିପାଟଣା ଖୋର୍ଦ୍ଧା ବ୍ଲକକୁ ହରାଇ ଚାମ୍ପିଅନ ହୋଇଥିବା ବେଳେ ଖୋ-ଖୋରେ ଜଟଣୀ ଖୋର୍ଦ୍ଧାକୁ ହରାଇ ଚାମ୍ପିଅନ ହୋଇଛନ୍ତି। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଶିଶୁ ମଙ୍ଗଳ ସମିତିର ସଭ୍ୟ ବ୍ରଜ କିଶୋର ମହାପାତ୍ର, ଖୋର୍ଦ୍ଧାର ବରିଷ୍ଠ ପିଇଟି ଶିକ୍ଷକ ଭାଗିରଥି ଜେନା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଫିସର ସୌମେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ବାଲିପାଟଣା ଏବଂ ଜଟଣୀ ବ୍ଲକର ପିଲାଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ରଞ୍ଜନ ଗୋଛାୟତ, ଶଚିନ୍ଦ୍ରନାଥ ସାହୁ, ସୁକାନ୍ତ ପୃଷ୍ଟି, ଅଶୋକ ସେଠି, ଋତାଞ୍ଜଳି ମହାନ୍ତି ପରିଚାଳନା କରିଥିବାବେଳେ ୟୁନିଟର ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅବଶିଷ୍ଟାଂଶ...

## ଭକ୍ତଙ୍କୁ ମିଳିବ...

ଗଛ ଲଗାଯାଇଛି। ଏହାପରେ ୧୦ ମିଟର ଅନ୍ତଃପ୍ରଦକ୍ଷିଣ ପଥ ରହିଛି। ଏଥିରେ ଭକ୍ତମାନେ ନାମ ସଂକୀର୍ତ୍ତନ, ଜପତପ କରି ହେଉ କିମ୍ବା ଖାଲି ମଧ୍ୟ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲିପାରିବେ। ଏଠି କୌଣସି ଗାଡ଼ିଘୋଡ଼ାର ସ୍ଥାନ ନାହିଁ। ବିଭିନ୍ନ ପର୍ବପର୍ବାଣିରେ ମହାପ୍ରଭୁଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ବିଜେ ପାଇଁ ଏହା ଉଦ୍ଦିଷ୍ଟ। ଏହାଦ୍ୱାରା ଚାରିଦ୍ୱାରରେ ବାହାରିବା ପାଇଁ ମଧ୍ୟ ସୁବିଧା ହୋଇପାରିବ। ଏହାପରେ ୮/୯ ମିଟର ସବୁଜ ବଳୟ ରହିବ। ଏଠାରେ ବିଭିନ୍ନ ପ୍ରକାର ଗଛ ଓ ମଝିରେ ମଝିରେ ବସିବା ପାଇଁ ସ୍ଥାନ ରଖାଯାଇଛି। ଏହାପରେ ବାହ୍ୟ ପ୍ରଦକ୍ଷିଣ ପଥ ରହିଛି। ଏଠାରେ ବଡ଼ ବଡ଼ ଗଛ ଚାରା ଲଗାଯାଇଛି। ବର୍ଷେ ଦୁଇବର୍ଷ ପରେ ଏହି ଗଛ ଛତା ଆକୃତିର ହୋଇଯିବ। ଏହା ଛାଇରେ ଶ୍ରଦ୍ଧାଳୁମାନେ ବସି ବିଶ୍ରାମ ନେଇପାରିବେ। ଏହି ବାହାର ପ୍ରଦକ୍ଷିଣ ପଥରେ ବି ଭକ୍ତମାନେ ନାମ, ସଂକୀର୍ତ୍ତନ କରି ବୁଲିପାରିବେ। ବିଶ୍ରାମ ପାଇଁ ବି ମଣ୍ଡପ ହୋଇଛି। ଏହା ବାହାରେ ଭକ୍ତ, ସେବକଙ୍କ ପାଇଁ ପରିଶ୍ରାଗାର, ଶୌଚାଳୟ, କ୍ଲୋକ୍‌ରୁମ୍ ଆଦି ସୁବିଧା କରାଯାଇଛି।

ପରିକ୍ରମା ପ୍ରକଳ୍ପର ପରିକଳ୍ପନା, ଅୟମାରମ୍ଭ, ନିର୍ମାଣ କାର୍ଯ୍ୟରେ କାହିଁକି ବିଳମ୍ବ ହେଲା ଏବଂ ଏହାଦ୍ୱାରା କ'ଣ ଲାଭ ମିଳିବ ସେ ସଂପର୍କରେ ବିସ୍ତୃତ ସୂଚନା ଦେଇ ଗଜପତି ମହାରାଜ କହିଛନ୍ତି, ପ୍ରକଳ୍ପ ନିର୍ମାଣ ୨ ବର୍ଷ ମଧ୍ୟରେ ସରିବା ଲାଗି ଲକ୍ଷ୍ୟ ରଖାଯାଇଥିଲା। କିନ୍ତୁ କୋଭିଡ୍ ଯୋଗୁଁ ଏହାର ନିର୍ମାଣରେ ବିଳମ୍ବ ହୋଇଥିଲା। ଯାହା ବି ହେଉ ଏବେ ଏହାର ଲୋକାର୍ପଣ ହେବାକୁ ଯାଉଛି। ପ୍ରକଳ୍ପ ପରିସର ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ସେହି ଅନୁଯାୟୀ ସୌନ୍ଦର୍ଯ୍ୟକରଣ କରାଯାଇଛି। ଅଳ୍ପ କିଛି ମଠରେ ସୂକ୍ଷ୍ମ କାମ ବାକି ରହିଛି, ତାହା ପ୍ରକଳ୍ପ ଲୋକାର୍ପଣ ପରେ କରାଯିବ। ତ୍ରିଦିନାତ୍ମକ ଯଜ୍ଞ କାର୍ଯ୍ୟକ୍ରମରେ ୪୮ ଜଣ ଆଚାର୍ଯ୍ୟ ଭାଗ ନେବେ ଏବଂ ୬୦ ଜଣ ବ୍ରାହ୍ମଣ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦପାଠ କରିବେ। ଏହା ମହାପ୍ରଭୁଙ୍କ କାମ। ଏହାକୁ ସମଗ୍ର ବିଶ୍ୱବାସୀ ଦେଖିବେ। ତେଣୁ ନିଷ୍ଠାର ସହ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଗଜପତି ମହାରାଜା ବରଣ ହୋଇଥିବା ଆଚାର୍ଯ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଗଜପତି କଲେ...

ଆଚାର୍ଯ୍ୟ ବରଣ ଲାଗି ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀନଅର ପରିସର। ରାଜଗୁରୁ ସୁଧାଂଶୁ ରାଜଗୁରୁ ଏବଂ ଦେବୀପ୍ରସାଦ ରାଜଗୁରୁ ଗଜପତିଙ୍କ ମଙ୍ଗଳାର୍ପଣ ସହ ଆଚାର୍ଯ୍ୟବରଣର ଅନ୍ୟାନ୍ୟ ବିଧି ସମ୍ପନ୍ନ କରିଥିଲେ। ପରେ ଗଜପତି ମହାରାଜା ଆଚାର୍ଯ୍ୟ ବରଣ କରିଥିଲେ। ପ୍ରଥମେ ଗଜପତି ମହାରାଜା ଗୁଆ, ପଇତା, ନଡ଼ିଆ, ବସ୍ତ୍ର, ମୁଦି, ପାତ୍ର ଓ ଯଜ୍ଞ ପାଇଁ ପାତ୍ରୀ ଦେଇ ପ୍ରଧାନ ଆଚାର୍ଯ୍ୟ ଭାବେ ସୁଧାଂଶୁ ଶେଖର ରାଜଗୁରୁଙ୍କୁ ବରଣ କରିଥିଲେ। ଗଜପତି ମହିରାଜ ତାଙ୍କ ଶ୍ରୀହସ୍ତରେ ଭବ୍ୟ ଓ ଦିବ୍ୟ ଗୁଆ, ନଡ଼ିଆ ପଇତା ଆଦି ପ୍ରଧାନ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ଏହାପରେ ପରେ ପ୍ରଧାନ ଆଚାର୍ଯ୍ୟ ଗଜପତିଙ୍କ ପ୍ରତିନିଧି, ପ୍ରଚାରକ, ଉପ-ପ୍ରଚାରକ(ପୁସ୍ତାକାଚାର୍ଯ୍ୟ), ମଣ୍ଡଳାଚାର୍ଯ୍ୟ, ଶ୍ରୀମନ୍ଦିର ପୁରୋହିତ, ଆଚାର୍ଯ୍ୟ, ସଂଯୋଜକଙ୍କୁ ବରଣ କାର୍ଯ୍ୟ ସମାପନ କରିଥିଲେ।

ଏହାପରେ ପରେ ପ୍ରଚାରକ, ଉପ ପ୍ରଚାରକ, ମଣ୍ଡଳାଚାର୍ଯ୍ୟ ଓ ଗଜପତିଙ୍କ ପ୍ରତିନିଧି ଶ୍ରୀମନ୍ଦିର ଐଶାନ୍ୟ କୋଣରେ ନିର୍ମିତ ଯଜ୍ଞମଣ୍ଡପ ନିକଟସ୍ଥ ଅଙ୍କୁରାରୋପଣ ଗୃହକୁ ଯାଇଥିଲେ । ସେଠାରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ଆବାହନ କରି ଅଙ୍କୁରାରୋପଣ ବିଧି ସମାପନ କରିଥିଲେ। ଏହି ଅବସରରେ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ, ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ବ୍ରାହ୍ମଣ ଏବଂ ପଣ୍ଡିତମାନେ ଉପସ୍ଥିତ ଥିଲେ।

## ଭୋଟବେଳେ ଦେଖା...

ଆମେ ସେପରି ନୋହୁଁ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ଶୁଣିବା ଓ ସମସ୍ୟାର ସମାଧାନ କରି ଲୋକଙ୍କ ପାଖକୁ ଯାଇ ତାହାର ହିସାବ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ସ୍ୱଷ୍ଟ ନିର୍ଦ୍ଦେଶ ରହିଛି। ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ଏତେ ବୟସରେ ବି ସେ ଲୋକଙ୍କ କଲ୍ୟାଣ ପାଇଁ ଅବିଶ୍ରାନ୍ତ ପରିଶ୍ରମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ସବୁବେଳେ କାମରେ ବିଶ୍ୱାସ କରନ୍ତି। ସାଧାରଣ ଲୋକଙ୍କ ମୁହଁରେ ହସ ହିଁ ତାଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର। ଗରିବ ଲୋକଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ମୁଖ୍ୟମନ୍ତ୍ରୀ ଅନୁପ୍ରେରିତ କରିଛନ୍ତି ଓ ତାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନେଇଛନ୍ତି। କିନ୍ତୁ ଅନ୍ୟ ଦଳର ନେତାମାନେ କେବଳ ରାଜନୀତିର ଭାଷା ବୁଝନ୍ତି। ଲୋକଙ୍କ ସୁଖ ସମୃଦ୍ଧି, ରାଜ୍ୟର ବିକାଶ ସେମାନଙ୍କ ପାଇଁ ଗୁରୁତ୍ୱ ରଖେ ନାହିଁ। କେବଳ ଭୋଟ ହାତେଇବା ପାଇଁ ଲୋକଙ୍କ ପାଖକୁ ଯାଇ ବଡ଼ ବଡ଼ ପ୍ରତିଶ୍ରୁତି ଦିଅନ୍ତି, ଆଉ ନିର୍ବାଚନ ସରିଲେ ନିଜ ବାଟରେ ଚାଲିଯା'ନ୍ତି। ଏପରି ଲୋକଙ୍କୁ ଚିହ୍ନି ରଖିବା ଆବଶ୍ୟକ ବୋଲି ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି।

## ମା'ମାନଙ୍କ ସଶକ୍ତୀକରଣରେ...

ଏ ବର୍ଷର କାର୍ଯ୍ୟକ୍ରମ ରାଜ୍ୟର ମହିଳା ଚାଷୀଙ୍କ ପାଇଁ ସମର୍ପିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ କୃଷି ଉଦ୍ୟୋଗ କ୍ଷେତ୍ରରେ ମହିଳାମାନଙ୍କ ଅଧିକ ଭାଗୀଦାରି ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ବିଜ୍ଞାନୀ ତଥା ବିଶେଷଜ୍ଞମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର କୃଷି କ୍ଷେତ୍ରର ଅଭିବୃଦ୍ଧିରେ ଆପଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଭବନ ଏବଂ 'ଇମେଜ'ର ନୂଆ କ୍ୟାମ୍ପସ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ୧୧୩ କୋଟି ଟଙ୍କା ବିନିଯୋଗରେ ଶିରିପୁରଠାରେ ନିର୍ମିତ ହେଉଥିବା ଏହି କ୍ୟାମ୍ପସ କୃଷି ସମ୍ପ୍ରସାରଣର କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ କାମ କରିବ। ସେହିପରି କୃଷି ଉଦ୍ୟୋଗ ଭବନ ନୂଆପଲ୍ଲୀଠାରେ ପ୍ରତିଷ୍ଠା କରାଯାଉଛି। ଏଥିପାଇଁ ୨୮ କୋଟି ଟଙ୍କା ବିନିଯୋଗ କରାଯିବ। କୃଷି ଉଦ୍ୟୋଗ କ୍ଷେତ୍ରରେ ଏହା ରାଜ୍ୟର ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ କୃଷି ବିଜ୍ଞାନୀ ଡ. ସ୍ୱାତୀ ନାୟକଙ୍କୁ ସମ୍ମାନିତ କରିଥିଲେ। ଏହା ସହିତ ଅଭିନବ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ଯୋଜନାରେ ୧୭ ଜଣ କୃଷକଙ୍କୁ ପୁରସ୍କୃତ କରିବା ସହ ୧୦ ଜଣ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର କୃଷି ଋଣ ମଡ୍ୟୁଲର ସଫଳ ପୋର୍ଟାଲର ଶୁଭାରମ୍ଭ କରିବା ସହ କୃଷି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ୧୯୯୯ରେ କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟୟ ରାଜ୍ୟ ବଜେଟର ମାତ୍ର ୪.୬୬ ପ୍ରତିଶତ ଥିବା ବେଳେ ଏବେ ଏହା ୧୧ ପ୍ରତିଶତରେ ପହଞ୍ଚିଛି। କୃଷି କ୍ଷେତ୍ରରେ ଏହି ବ୍ୟାପକ ବିନିଯୋଗ ଯୋଗୁଁ ଆଜି ରାଜ୍ୟର ସବୁ କ୍ଷେତ୍ରରେ ପ୍ରଗତି ଆସିଛି। ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ ଯେ କ୍ଷେତରୁ ଆରମ୍ଭ କରି ଖାଦ୍ୟଥାଳି ପର୍ଯ୍ୟନ୍ତ ମହିଳାମାନେ କୃଷି କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ଯୋଗଦାନ ରଖିଛନ୍ତି। ମିଶନ ଶକ୍ତି କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶାର ମହିଳାମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି।

କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୂଷଣ ଷ୍ଟିଲ୍‌ର...

ବିପୁଳ ଅର୍ଥ ଋଣ ନେଇଥିବା ଅଭିଯୋଗର ତଦନ୍ତ ଏସଏଫଆଇଓ ଆରମ୍ଭ କରିଥିଲା ଓ ପରେ ଏହାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି)କୁ ହସ୍ତାନ୍ତର କରାଯାଇଥିଲା। ୨୦୨୩ ଅକ୍ଟୋବର ମାସରେ ଭୁବନେଶ୍ୱର, ଦିଲ୍ଲୀ ସମେତ ହରିୟାଣା, କୋଲକାତା, ମୁମ୍ବାଇ ଆଦି ସ୍ଥାନରେ ସର୍ଚ୍ଚ ଅପରେସନ କରାଯାଇଥିଲା। ଯାଞ୍ଚ ଅବସରରେ ଷ୍ଟେଟବ୍ୟାଙ୍କ ଓ ପଞ୍ଜାବ ନେସନାଲ ବ୍ୟାଙ୍କରୁ ଠକେଇର ସୁରାକ ମିଳିଥିଲା। ଏହାପରେ ଅଭିଯୁକ୍ତମାନଙ୍କର ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଅବୈଧ ଘୋଷଣା ସହ ଆସାମ, ରାୟଗଡା, ହରିୟାଣା, ଓ ଫରିଦାବାଦରେ ପ୍ରାୟ ୬୧ କୋଟିର ସମ୍ପତ୍ତିକୁ ଇଡ଼ି ଜବତ କରିଛି। ଅନୁରୂପ ଭାବରେ ସେମାନଙ୍କ ନିକଟରୁ ନଗଦ ଅର୍ଥ, ବିଦେଶୀ ମୁଦ୍ରା, ଚେକ ଓ ୩ ଟି ମୂଲ୍ୟବାନ ଗାଡି ମଧ୍ୟ ଜବତ କରା ଯାଇଛି। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ନିରଜ ସିଂଘଲ, ତାଙ୍କ ସମ୍ପର୍କୀୟ ଓ ତାଙ୍କ ସହଯୋଗୀମାନେ ନୂଆ ପ୍ରୋଜେକ୍ଟ ନାମରେ ବ୍ୟାଙ୍କରୁ ଋଣ ନେଇ ଚଳୁ କରିଥିବା ଏବଂ ଏହାକୁ ପରିଶୋଧ କରି ନ ଥିବା ଅଭିଯୋଗ ହୋଇଥିଲା।

## 'କଳାକାରମାନେ ଓଡ଼ିଆ...

ଯୋଗାଇଛି। ଆମ ରାଜ୍ୟର କଳାକୃତି ସମଗ୍ର ଦେଶରେ ଅନନ୍ୟ। ଆମ ରାଜ୍ୟରୁ ସର୍ବାଧିକ କଳାକାର, ବୁଣାକାରମାନେ ପଦ୍ମ ପୁରସ୍କାର ସହ ବହୁ ଜାତୀୟ ସମ୍ମାନ ହାସଲ କରିଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁଙ୍କ ଆରାଧନାରେ ହିଁ ଓଡ଼ିଆ ଜାତିର ଧାର୍ମିକ ମହାତ୍ମ୍ୟ ଲୁକ୍କାୟିତ। ସର୍ବ ଧର୍ମ ଓ ସଂସ୍କୃତିର ସମନ୍ୱୟ ହେଉଛ ଶ୍ରୀ ଜଗନ୍ନାଥ ସଂସ୍କୃତି। ରୂପାନ୍ତରଣର ଏକ ଉଲ୍ଲେଖନୀୟ ପ୍ରତୀକ ବ୍ୟତୀତ ଏହା ଆମ ମହାନ୍ ଐତିହ୍ୟର ଅଭିବ୍ୟକ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଯାଜପୁରର ସାଂସ୍କୃତିକ ଐତିହ୍ୟ ଏହାର ଜାଜ୍ୱଲ୍ୟମାନ କଳାକୃତିରେ ପ୍ରତିଫଳିତ ହୋଇଥାଏ। ଡିଜାଇନ୍, ପାରମ୍ପରିକ ଚିତ୍ରାଙ୍କନ, ସ୍ଥାପତ୍ୟ, ମୂର୍ତ୍ତି ଓ ହସ୍ତଶିଳ୍ପରେ ଏହି ଜିଲ୍ଲାର କଳାକାରମାନେ ସର୍ବଦା ସମୟଠାରୁ ଆଗରେ ରହି ଆସିଛନ୍ତି। ପ୍ରାଚୀନ ଓଡ଼ିଶାର ରାଜଧାନୀ ଭାବେ ଯାଜପୁରର ଖ୍ୟାତି ରହିଛି। ଏହି ଜିଲ୍ଲା ଧାର୍ମିକ ଓ ବୌଦ୍ଧକୀର୍ତ୍ତି ସମ୍ପଦ ସହ ବର୍ତ୍ତମାନ ଏହା ଦେଶର ସର୍ବଶ୍ରେଷ୍ଠ ଶିଳ୍ପାଞ୍ଚଳ ଭାବେ ସୁନାମ ଅର୍ଜନ କରୁଛି। ଶିଳ୍ପ ସହିତ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ ହେବା ଲାଗି ଏହି ଜିଲ୍ଲାର ସବୁ ଦକ୍ଷତା ରହିଛି। ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାର କଳାକୃତି ତଥା କଳାକାରମାନଙ୍କ ପାଇଁ ସମ୍ଭାବନାର ନୂଆ ଦ୍ୱାର ଉନ୍ମୁକ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଥିଲେ, ନିଜର ପାରମ୍ପରିକ ଦକ୍ଷତା ପାଇଁ ଯାଜପୁର ଜିଲ୍ଲା ବେଶ୍ ଖ୍ୟାତ। ଏବେ ଏହି ଜିଲ୍ଲା ଭାରତର ଟସର ହବ୍‌ରେ ପରିଣତ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଧାୟକଗଣ, ନ୍ୟାସନାଲ ମନୁମେଣ୍ଟ ଅଥରିଟିର ମୁଖ୍ୟ ପ୍ରଫେସର କିଶୋର ବାସା, ବଲିଉଡ୍ ତାରକା ନବାଜଉଦ୍ଦିନ୍ ସିଦ୍ଦିକିଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଲୋକମତ ଆଧାରରେ...

ଅନୁଧ୍ୟାନ କରିଛନ୍ତି। ଏହି ମନ୍ଦିର ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୮.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଲୋକଙ୍କ ମତ ଆଧାରରେ କଳାହାଣ୍ଡିର ଥୁଆମୂଳ ରାମପୁର ବ୍ଲକ୍‌ରେ ଏକ ନୂଆ ସରକାରୀ ଡିଗ୍ରୀ କଲେଜ ପାଇଁ ଅନୁମୋଦନ ଦିଆଯାଇଛି ବୋଲି ଶ୍ରୀ ପାଣ୍ଡିଆନ୍ ସୂଚନା ଦେବା ସହ ୨୦୨୪-୨୫ ଶିକ୍ଷାବର୍ଷରୁ ପାଠ ପଢ଼ା ଆରମ୍ଭ ହେବ ବୋଲି କହିଛନ୍ତି। ଅପରପକ୍ଷେ ସେ ଉପର ଇନ୍ଦ୍ରାବତୀ ଡାହାଣ ମେନ୍ କେନାଲ, ସାନ୍ଧୁଲ ବ୍ୟାରେଜ୍ ପ୍ରକଳ୍ପ ଓ କେସିଙ୍ଗା ବ୍ଲକ୍‌ରେ ରେତ ନଦୀରେ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିପାଇଁ ୩୨୧.୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଗତବର୍ଷ ମେ' ମାସରେ ଶ୍ରୀ ପାଣ୍ଡିଆନ୍‌ଙ୍କ କଳାହାଣ୍ଡି ଗସ୍ତ ସମୟରେ ଲୋକେ ଦେଇଥିବା ମତାମତ ଆଧାରରେ ଏସବୁ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ କଳାହାଣ୍ଡିର ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପଡିଆରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଛନ୍ତି। ଜୀବନରେ ସଫଳ ହେବାର ମନ୍ତ୍ର ଦେବା ସହ ପିଲାମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ବୋଲି କହିଛନ୍ତି। ସେହିପରି ବ୍ୟକ୍ତିତ୍ୱର ବିକାଶ ସହିତ କଠିନ ପରିଶ୍ରମ କରି ଶିକ୍ଷା, କ୍ରୀଡ଼ା ଓ ଆନୁସଙ୍ଗିକ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିବା ଲାଗି ଶ୍ରୀ ପାଣ୍ଡିଆନ୍ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଜଣାଇଛନ୍ତି।

୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟରେ ପଢୁଥିବା ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ୧୨୦ ଆସନ ବିଶିଷ୍ଟ ୮ଟି ହଷ୍ଟେଲ ନିର୍ମାଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଶ୍ରୀ ପାଣ୍ଡିଆନ୍ ଅପରାହ୍ନରେ ସମ୍ବଲପୁରରେ ପହଞ୍ଚି ବିକାଶ କାର୍ଯ୍ୟର ଅନୁଧ୍ୟାନ କରିବା ସହ ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନ କରିଛନ୍ତି।। ଶାସନ ମେନ୍ କେନାଲ, ଚିପିଲିମାର ମା' ଘଣ୍ଟେଶ୍ୱରୀ ମନ୍ଦିର, ଐତିହାସିକ ହୁମା ମନ୍ଦିର, ଖିଣ୍ଡା ସ୍ଥିତ ବୀର ସୁରେନ୍ଦ୍ର ସାଏ ସ୍ମୃତିପୀଠ ଆଦିର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିବା ସହିତ ଧାର୍ଯ୍ୟ ସମୟ ଭିତରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ପାଇଁ ୮୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ଜନସଭାରେ ଯୋଗଦେଇ ଲୋକଙ୍କର ଯାହା ସବୁ ସମସ୍ୟା, ଅଭିଯୋଗ ରହିଛି ତାହା ଖୁବ୍ ଶୀଘ୍ର ଦୂର କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

## ବିଜେପି ନେତାଙ୍କ...

ଏହାକୁ ସ୍ୱତନ୍ତ୍ର କୁହାଯିବ ନାହିଁ ବୋଲି ଦୁଇ ବିଚାରପତି ମନ୍ତବ୍ୟ ଦେଇଛନ୍ତି। ଓଡ଼ିଶା ବିଜେପିର ସାଧାରଣ ସମ୍ପାଦକ ଯତୀନ୍ ମହାନ୍ତିଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥବା ଆଇନଜୀବୀ ସଞ୍ଜୀବ ଯୋଶୀ ଏବଂ ଆଇନଜୀବୀ ସୂର୍ଯ୍ୟକାନ୍ତ ପାଢ଼ୀ ସରକାରୀ ବିଜ୍ଞାପନରେ ଦଳୀୟ 'ଶଙ୍ଖ' ଚିହ୍ନ ବ୍ୟବହାର କରୁଥିବା ଅଭିଯୋଗ କରିଥିଲେ। ମାତ୍ର ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଅଗ୍ରାହ୍ୟ କରିବା ପରେ ଏହି ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ'(वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिक उपयुक्त उत्तर वाले विकल्प चुनकर लिखिए ।** (1x5=5)

परिश्रम का महत्व वे जानते हैं जो स्वयं अपने बल पर आगे बढ़े हैं। संसार के अनेक महापुरुष परिश्रम के प्रमाण दे चुके हैं। कालिदास, तुलसी, टैगोर, और गोर्की परिश्रम से ही अमर हुए हैं । संसार के इतिहास में अनेक चमकते सितारे केवल परिश्रम के ही प्रमाण हैं। बड़े- बड़े धन- कुबेर निरंतर श्रम से ही असीम संपत्ति के स्वामी बने हैं । फोर्ड साधारण मैकेनिक था । धीरूभाई अंबानी शिक्षक थे। लगन और दृढ संकल्प से परिश्रम को सार्थक बना देते हैं ।गरीबी के साथ परिश्रम जुड़ जाए तो सफलता मिलती है। भारतीय कृषक और अमीरों के साथ श्रम हीनता या निठल्लापन आ जाए तो असफलता मुँह बाए खड़ी रहती है। भारतीय कृषक के परिश्रम का ही फल है कि, देश में हरित क्रांति हुई । अमेरिका की सड़े गेहूँ से पेट भरने वाला देश आज गेहूँ का निर्यात कर रहा है। कल-कारखाने रात- दिन उत्पादन कर रहे हैं । हमारे वस्त्र दुनिया के बाजारों में बिकते हैं। उन्नत औद्योगिक देश भी हम से वैज्ञानिक उपकरण खरीद रहे हैं।

किसी क्षेत्र में हम पिछड़े हैं, तो उसका कारण है वहाँ परिश्रम का अभाव । विद्यार्थी जीवन तो परिश्रम की पहली पाठशाला है । यहाँ से परिश्रम की आदत पड़ जाए तो ठीक, अन्यथा जानें कहाँ- कहाँ की ठोकरें खानी पड़ें। एड़िसन से किसी ने कहा- आपकी सफलता का कारण आपकी प्रतिभा है। एड़िसन ने चटपट सुधारा -प्रतिभा के साथ एक औंस बुद्धि और एक टन परिश्रम ।

i) इस गद्यांश का उपयुक्त शीर्षक छाँटिए -
क) सफलता वरो ख)सफलता का रहस्य
ग) परिश्रम सफलता का आधार घ)परिश्रम का महत्त्व

ii) 'धन- कुबेर'का विग्रह कीजिए -
क) धन का कुबेर ख) धन में कुबेर के समान
ग) कुबेर का धन घ) धन और कुबेर

iii) निठल्लापन आजाए तो क्या होता है ?
क) व्यक्ति परिश्रमी बनता है ख) व्यक्ति सफल होता है
ग) असफलता मुँह बाए खड़ी रहती है घ) उपर्युक्त सभी

iv) भारत में हरित क्रांति किसके परिणाम स्वरूप हुई ?
क) अमेरिका के सहयोग से ख) वैज्ञानिक उन्नति के कारण
ग) भारतीय किसानों के परिश्रम के कारण घ) भारत सरकार के सहयोग के कारण

v) एड़िसन के अनुसार उनकी प्रगति का मूल कारण क्या था ?
क) प्रतिभा ख) परिश्रम ग)ईश- कृपा घ)प्रतिभा और परिश्रम

**व्यावहारिक व्याकरण**

2. **निर्देशानुसार पदबंध आधारित पाँच बहुवैकल्पीय प्रश्नों में से किन्हीं चार प्रश्नों का उत्तर सही विकल्प से दीजिए ।** (1×4)

i) निम्नलिखित में से कौन- सा विकल्प संज्ञा पदबंध को परिभाषित करता है -
क) पदबंध का पहला पद क्रिया होता है ।
ख) अंतिम पद संज्ञा हो
ग) शीर्ष शब्द संज्ञा हो और अन्य सभी पद उसी पर आश्रित हों ।
घ) उपर्युक्त क और ग

ii) कम आय वाले लोगों को मितव्ययी होना चाहिए। रेखांकित पदबंध का भेद है-
क)संज्ञा पदबंध ख) सर्वनाम पदबंध ग) क्रियविशेषण पदबंध घ) क्रिया पदबंध

iii) निर्भीक और साहसी तताँरा को अंत में परंपरा के नाम पर अपना प्राणोत्सर्ग करना पड़ा -रेखांकित पदबंध का भेद है –
क) संज्ञा पदबंध ख) विशेषण पदबंध
ग) क्रियविशेषण पदबंध घ) क्रिया पदबंध

iv) क्रिया- विशेषण पदबंध का सही उदाहरण निम्नलिखित में कौन- सा है -
क) राधिका धीरे -धीरे चलकर वहाँ जा बैठी ।
ख) राधिका धीरे -धीरे चलकर वहाँ जा बैठी ।
ग) धीरे -धीरे चलकर वहाँ जा बैठी ।
घ) राधिका धीरे -धीरे चलकर वहाँ जा बैठी ।

v) घर के आँगन में फुदकने वाली गौरैया अब नहीं दिखाई देती ।। रेखांकित पद समूह कौन सा पदबंध है -
क) संज्ञा पदबंध ख) सर्वनाम पदबंध
ग) क्रियविशेषण पदबंध घ) क्रिया पदबंध

3. **निम्नलिखित पाँच भागों से किन्हीं चार भाग का उचित उत्तर विकल्पों से चुनिए।** (1×4)

i) किस समास में पहला पद प्रधान होता है ?
क)द्वंद्व ख) द्विगु ग) तत्पुरूष घ) कर्म धारय

ii) द्वंद्व समास के लिए सही समस्त पद कौन- सा है ?
क)छोटा -बड़ा ख) चंद्रमुखी ग) कामचोर घ) रसोई घर

iii) वाद्ययंत्र' में कौन -सा समास है ?
क)तत्पुरूष ख) द्वंद्व समास ग)कर्मधारय घ) द्विगु समास

iv) समास के कितने भेद होते हैं ?
क) दो ख) तीन ग) छः घ) आठ

v) गाँव- गाँव 'समस्त पद में समास है -
क) अव्ययीभाव ख) कर्मधारय ग) तत्पुरूष समास घ) बहुव्रीहि समास

4. **निम्नलिखित छः भागों से किन्हीं चार भाग का उचित उत्तर विकल्प से चुनिए ।** (1×4)

i) निम्नलिखित में से मिश्र वाक्य का सही विकल्प छाँटिए।
क) भागते हुए कुत्ते ने बिल्ली को दबोच लिया ।
ख) चूँकि उसने श्रम नहीं किया ,सो अनुत्तीर्ण हो गया ।
ग) शेर दहाड़ रहा था और उसने हिरण पर हमला किया ।
घ) उसने श्रम नहीं किया ,फिरभी सफल हो गया ।

ii) •रास्ते में धुंध थी ।
•धुंध के कारण मैंने आने का कार्यक्रम रद्द करदिया ।सही सरल वाक्य चुनिए
क) रास्ते में धुंध होने के कारण मैंने आने का कार्यक्रम रद्द कर दिया।
ख) रास्ते में धुंध थी इसलिए मैंने आने का कार्यक्रम रद्द कर दिया ।
ग) चूँकि रास्ते में धुंध थी इसलिए मैंने आने का कार्यक्रम रद्द कर दिया।
घ) मैंने कार्यक्रम रद्द कर दिया इसलिए धुंध हो गई।

iii) मिश्र वाक्य को अन्य किस नाम से पुकारा जाता है।
क) सरल वाक्य ख) साधारण वाक्य ग) संयुक्त वाक्य घ) जटिल वाक्य

iv) सयुंक्त वाक्य कहलाते हैं -
क) योजक शब्दों के द्वारा जुड़े स्वतंत्र वाक्य
ख) योजक शब्दों के द्वारा जुड़े आश्रित वाक्य
ग) योजक शब्दों के द्वारा जुड़े निरर्थक वाक्य
घ) योजक शब्दों के द्वारा जुड़े शब्द

v) वह खाना खाकर स्कूल जाता है। वाक्य रचना की दृष्टि से है-
क) मिश्र वाक्य ख)सरल वाक्य ग) असाधारण वाक्य घ) संयुक्त वाक्य

vi) संयुक्त वाक्य बनाने के लिए कौन - कौन से योजक शब्द प्रयुक्त होते हैं –
क) और, एवं तथा, या, पर आदि ख) अथवा, इसलिए, तो, फिर भी, लेकिन
ग) तो, नहीं तो, किंतु , परंतु घ) उपर्युक्त सभी

5. **निम्नलिखित गद्यांश को पढ़कर पूछे गए प्रश्नों के उत्तर के लिए विकल्प का चयन कीजिए।** (1x5=5)

अभिनय के दृष्टिकोण से 'तीसरी कसम' राजकपूर की जिंदगी की सबसे हसीन फ़िल्म है । राजकपूर जिन्हें समीक्षक और कला- मर्मज्ञ आँखों से बात करने वाला कलाकार मानते हैं। 'तीसरी कसम' में मासूमियत के चर्मोत्कर्ष को छूते हैं । अभिनेता राजकपूर जितने ताकत के साथ 'तीसरी कसम' में मौजूद हैं, उतना 'जागते रहो' में भी नहीं । 'जागते रहो' में राजकपूर के अभिनय को बहुत सराहा गया था, लेकिन 'तीसरी कसम' वह फ़िल्में जिसमें राजकपूर अभिनय नहीं करता । वह हीरामन के साथ एकाकार हो गया है । खालिस देहाती भुच्च गाड़ीवान जो सिर्फ दिल की जुबान समझता है, दिमाग की नहीं । जिसके लिए मोहब्बत के सिवा किसी दूसरी चीज़ का कोई अर्थ नहीं। बहुत बड़ी बात यह है कि, 'तीसरी कसम' राजकपूर के अभिनय- जीवन का वह मुकाम है, जब वह एशिया के सबसे बड़े सो मैंन के रूप में स्थापित हो चूके थे । उनका अपना व्यक्तित्व एक किंवदंती बन चुका था । लेकिन तीसरी -कसम में वह महिमामय व्यक्तित्व पूरी तरह हीरामन की आत्मा में उतर गया है। वह कहीं हीरामन का अभिनय नहीं करता अपितु खुद हीरामन में ढल गया है।

i) फ़िल्म समीक्षक और कला मर्मज्ञ राजकपूर को क्या मानते हैं ?
क) आँखों से बातें करने वाले कलाकार ख) आँखों से इशारे करने वाले कलाकार
ग) आँखों से क्रोध प्रदर्शित करने वाले कलाकार
घ) आँखों को मिचमिचाने वाला कलाकार

ii) तीसरी कसम वह फ़िल्म है जिसमें राजकपूर-
क) अभिनय नहीं करता बल्कि वह नृत्य भी करता है
ख) वह हीरामन के साथ एकाकार हो गया है
ग) वह गीत गाता है घ) वो कुछ नहीं करता

iii) राजकपूर ______ के रूप में स्थापित हो चूके थे
क) एशिया के सबसे बड़े शोमैन के रूप में ख) भारत के सबसे बड़े सोमन के रूप में
ग) मुंबई के सबसे बड़े शोमैन के रूप में घ) दुनिया के सबसे बड़े शोमैन के रूप में

iv) राज कपूर का व्यक्तित्व क्या बन चुका था ?
क)एक कहानी ख) एक कथा ग) एक किंवदंती घ) एक लोकोक्ति

v) 'तीसरी कसम' में राजकपूर ने अभिनय किया है-
क)एक कंपनी मालिक का ख)क्रिकेट खिलाड़ी का
ग)गाड़ीवान का घ)भिखारी का

**खंड 'ब' (वर्णनात्मक प्रश्न)**

6. **निम्नलिखित प्रश्नों में से किन्हीं दो प्रश्नों के उत्तर लगभग 60 शब्दों में दीजिए।** (3x2=6)

क) एक कलाकार पूरी तरह उपभोक्ता के रूचियों को प्रभावित करता है -'तीसरी कसम' के शिल्पकार शैलेंद्र पाठ के आधार पर अपने विचार स्पष्ट करें ।
ख) 'अंधे के हाथ बटेर लग गई' यह कथन बड़े भाई साहब ने किस संदर्भ में कहा ?
ग) निकोबार द्वीप समूह के विभक्त होने के बारे में निकोबारियों का क्या विश्वास है ?

**लेखन**

7. 'श्रम ही सफलता की कुंजी' विषय पर 100 से शब्दों में एक लघुकथा लिखिए । (5×1)

***** *All the Best...*

**ANSWER KEY**

| | | | | | |
|---|---|---|---|---|---|
| **1.** i)ग | ii)क | iii)ग | iv)ग | v)घ | |
| **2.** i)ग | ii)क | iii)ख | iv)ख | v)ग | |
| **3.** i)ग | ii)क | iii)क | iv)ग | v)क | |
| **4.** i)ख | ii)क | iii)घ | iv)क | v)ख | vi)घ |
| **5.** i)क | ii)ख | iii)क | iv)ग | v)ग | |

| | | | |
|---|---|---|---|
| ePaper : | sakalaepaper.com | Twitter : | SakalaNews |
| News Portal : | thesakala.in | Instagram : | sakalanews |
| Facebook : | SakalaNews | Youtube : | @SakalaNews |

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaschool.in

ଓଡ଼ିଶା-ମଧ୍ୟପ୍ରଦେଶ ରଣଜୀ ମୁକାବିଲା

# ବିପର୍ଯ୍ୟୟରୁ ରକ୍ଷାକଲେ ଶୁଭ୍ରାଂଶୁ ଓ ରାଜେଶ

କଟକ,୧୨ା୧(ସମିସ): ଇନ୍ଦୋରର ଏମେରାଲ୍ଡ ହାଇଟ୍ସ ଅନ୍ତର୍ଜାତୀୟ ସ୍କୁଲ ଗ୍ରାଉଣ୍ଡରେ ମଧ୍ୟପ୍ରଦେଶ ଏବଂ ଓଡ଼ିଶା ମଧ୍ୟରେ ଚଳିତ ସିଜନର ଦ୍ୱିତୀୟ ରାଉଣ୍ଡ ରଣଜୀ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଖେଳର ପ୍ରଥମ ଦିବସରେ ଘରୋଇ ମଧ୍ୟପ୍ରଦେଶ ଓଡିଶା ଉପରେ ଚାପ ସୃଷ୍ଟି କରିବାରେ

- ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୨୦୮/୬
- ପଦାର୍ପଣ କଲେ ବାମହାତୀ ସ୍ପିନର ହର୍ଷିତ


ଶୁଭ୍ରାଂଶୁ ଶେଖର ସେନାପତି


ରାଜେଶ ଧୂପର

ସଫଳ ହୋଇଛି। ପ୍ରାରମ୍ଭିକ ୱିକେଟ ପତନ ଯୋଗୁଁ ଓଡ଼ିଶା ବିପର୍ଯ୍ୟୟଆଡ଼କୁଅଗ୍ରସରହେଉଥିବାବେଳେଶୁଭ୍ରାଂଶୁଶେଖର ସେନାପତି ଓ ରାଜେଶ ଧୂପର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ଦଳକୁ ମୁକୁଳାଇଛନ୍ତି। ୱିକେଟ କିପର ରାଜେଶ ୫୧ରନରେ ଆଉଟ ହୋଇଛନ୍ତି। କିନ୍ତୁ ଦଳର ପ୍ରମୁଖ ଖେଳାଳି ଶୁଭ୍ରାଂଶୁ ୮୭ରନରେ ଅପରାଜିତ ରହିଛନ୍ତି। ଅନ୍ୟପକ୍ଷରେ ବାମହାତୀ ସ୍ପିନର ହର୍ଷିତ ରାଥୋଡ ଚୂଡାନ୍ତ ଏକାଦଶରେ ସାମିଲ ହେବା ସହ ପ୍ରଥମଶ୍ରେଣୀ କ୍ରିକେଟ ଫର୍ମାଟରେ ପଦାର୍ପଣ କରିଛନ୍ତି।

ମଧ୍ୟପ୍ରଦେଶ ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ତେବେ ଉକ୍ତ ମ୍ୟାଚ୍ ନିମନ୍ତେ ଏକାଧିକ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ କରିଥିଲା ଓଡ଼ିଶା ଦଳ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ବଦଳରେ ରାଜେଶ ଧୂପର ଦଳକୁ ଫେରିଥିଲେ। ଆଘାତ ଜନିତ ସମସ୍ୟାରୁ ରାଜେଶ ମହାନ୍ତିଙ୍କୁ ବିଶ୍ରାମ ଦିଆଯାଇଛି। ଦେବବ୍ରତ ପ୍ରଧାନ ମଧ୍ୟ ବାଦ ପଡିଛନ୍ତି। ମିଡିୟମ ପେସର ସୁନୀଲ କୁମାର ରାଉଳ ଓ ପ୍ରୟାସ ସିଂହ ଦଳରେ ସ୍ଥାନ ପାଇଥିବା ବେଳେ ହର୍ଷିତ ରାଥୋଡଙ୍କୁ ମଧ୍ୟ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିଥିଲା। ପ୍ରଥମ ସେସନରେ ପେସ୍ ବୋଲିଂ ସୁହାଉଥିବା ଏହି ପିଚ୍‌ରେ ଓଡ଼ିଶା ବ୍ୟାଟରମାନେ ଅଧିକ ସମୟ ତିଷ୍ଠି ପାରିନଥିଲେ। ଦଳୀୟ ସ୍କୋର ୧୧ ହୋଇଥିବା ବେଳେ ପ୍ରଥମ ୱିକେଟ ପତନ ଘଟିଥିଲା। ୫ମ ଓଭରରେ ଓପନର ଅନୁରାଗ ଷଡ଼ଙ୍ଗୀ ୯ରନ କରି ବାମହାତୀ ପେସର କୁଲୱନ୍ତ ଖେଜ୍ରୋଲିୟାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଅନ୍ୟତମ ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର ୨ରନ କରିଥିବା ବେଳେ ଆର୍ୟନ ପାଣ୍ଡେଙ୍କ ଶିକାର ହୋଇଥିଲେ। ସନ୍ଦୀପ ପଟ୍ଟନାୟକ ୧୧ରନ ଏବଂ ଗୋବିନ୍ଦ ପୋଦ୍ଦାର ୫ରନରେ ଆଉଟ ହେବା ସହ ଓଡ଼ିଶାର ଦଳୀୟ ସ୍କୋର ୩୮/୪ରେ ପହଞ୍ଚିଥିଲା। ଶୁଭ୍ରାଂଶୁ ଓ ରାଜେଶ ସତର୍କତାର ସହ ଖେଳି ୫ମ ୱିକେଟରେ ଗୁରୁତ୍ୱପୂର୍ଣ୍ଣ ଶତକୀୟ ଭାଗିଦାରୀ ସୃଷ୍ଟି କରିଥିଲେ। ଉଭୟ ୨୪୫ବଲରୁ ୧୧୮ରନ ସଂଗ୍ରହ କରିଥିଲେ। ୧୪୧ବଲରୁ ୬ଟି ଚୌକା ଓ ଗୋଟିଏ ଛକା ସହାୟତାରେ ରାଜେଶ ୫୧ରନ କରିଥିବା ବେଳେ ୱିକେଟ କିପର ହିମାଂଶୁ ମନ୍ତ୍ରୀଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ମଧ୍ୟପ୍ରଦେଶ ପାଇଁ ଏହି ଜରୁରୀ ବ୍ରେକଥ୍ରୁ ଦେଇଥିଲେ ଅଫସ୍ପିନର ସାରାଂଶ ଜୈନ। ଖେଳର ଅନ୍ତିମ ସେସନରେ କ୍ରିଜକୁ ଆସିଥିବା ଅଲରାଉଣ୍ଡର ପ୍ରୟାସ ସିଂହ ଶୁଭ୍ରାଂଶୁଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୦୦ ପାର୍ କରାଇଥିଲେ। ଇତି ମଧ୍ୟରେ ଶୁଭ୍ରାଂଶୁ କ୍ୟାରିୟରର ୧୨ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ପ୍ରୟାସଙ୍କୁ ୨୭ରନରେ ଆର୍ୟନ ପାଣ୍ଡେ ବୋଲ୍ଡ କରିବା ପରେ ପ୍ରଥମ ଦିନର ଖେଳ ବନ୍ଦ ରଖାଯାଇଥିଲା। ୮୫.୩ ଓଭର ଖେଳି ଓଡ଼ିଶା ୬ ୱିକେଟ ବିନିମୟରେ ମୋଟ ୨୦୮ରନ କରିଛି।

● ମହିଳା ହକି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ

# ଭାରତ- ଆମେରିକା ମୁକାବିଲା ଆଜି

ରାଞ୍ଚି, ୧୨ା୧ (ଏଜେନ୍ସି): କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଚଳିତ ବର୍ଷ ମଧ୍ୟଭାଗରେ ଫ୍ରାନ୍ସ ରାଜଧାନୀ ପ୍ୟାରିସଠାରେ ଆରମ୍ଭ ହେବ। ଏଥିଲାଗି ମହିଳା ହକିର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ରାଞ୍ଚିରେ ଆରମ୍ଭ ହେବାକୁ ଯାଉଛି। ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ରାଞ୍ଚିର ମାରାଙ୍ଗ ଗୋମେକ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଖେଳାଯିବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଆୟୋଜକ ଭାରତ ସମେତ ବିଶ୍ୱର ୮ଟି ଦେଶର ମହିଳା ହକି ଦଳ ଅଂଶଗ୍ରହଣ କରିବେ। ନ୍ୟୁଜିଲାଣ୍ଡ, ଆମେରିକା ଓ ଇଟାଲୀ ସହ ଭାରତ ପୁଲ୍-ବି'ରେ ସ୍ଥାନ ପାଇଛି।



ସେହିଭଳି ଜର୍ମାନୀ, ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ଗ୍ରୁପ୍‌ରେ ସ୍ଥାନ ପାଇଥିବା ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ଗ୍ରୁପ୍‌ର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ପ୍ରବେଶ କରିବେ। ସେମିଫାଇନାଲରେ ପରାସ୍ତ ହେବାକୁ ଥିବା ଦୁଇ ଦଳ କାଂସ୍ୟ ପାଇଁ ଲଢେଇ କରିବେ। ବିଜୟୀ ଦଳ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ମୋଟ୍ ଉପରେ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୩ଟି ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବେ।

**କ୍ରମାଗତ ତୃତୀୟ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ଲକ୍ଷ୍ୟରେ ଭାରତ**

ଶନିବାର ଆମେରିକା ବିପକ୍ଷରୁ ମ୍ୟାଚ୍ ଖେ.ଳି ଭାରତ ଅଭିଯାନ ଆରମ୍ଭ କରିବ। ସେହିପରି ଅନ୍ୟଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଇଟାଲୀ ପରସ୍ପରକୁ ଭେଟିବେ। ଗତବର୍ଷ ଏଠାରେ ଭାରତୀୟ ମହିଳା ଦଳ ଏସିଆନ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ସେହିପରି ଏସୀୟ କ୍ରୀଡ଼ାରେ ଭାରତ ସେମିରେ ଚୀନ୍‌ଠାରୁ ପରାସ୍ତ ହେବାପରେ ଜାପାନକୁ ହରାଇ କାଂସ୍ୟ ପଦକ ହାସଲ କରିଥିଲା। ଅଭିଜ୍ଞ ଗୋଲକିପର ସବିତା ପୁନିଆ ଭାରତର ନେତୃତ୍ୱ ନେବେ। ଝାଡଖଣ୍ଡର ନିକ୍କି ପ୍ରଧାନ ଉପ- ଅଧିନାୟକ ଦାୟିତ୍ୱ ତୁଲାଇବେ। କ୍ରମାଗତ ତୃତୀୟଥର ପାଇଁ ଭାରତ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଭାରତ ୨୦୧୯ରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ଆମେରିକାକୁ ହରାଇଥିଲା। ଭାରତ ଏହି ପ୍ରଦର୍ଶନ ଦୋହରାଇବା ଲକ୍ଷ୍ୟରେ ରହିଛି। ଦଳର ଭଲ ପ୍ରଦର୍ଶନ ନେଇ ମୁଖ୍ୟ ପ୍ରଶିକ୍ଷକ ଜାନ୍ନେକ ସ୍କୋପମ୍ୟାନ ଆଶାବାଦୀ ଅଛନ୍ତି। ଏଫ୍‌ଆଇଏଚ୍ ମାନ୍ୟତାରେ ଭାରତ ତୃତୀୟ ଓ ଆମେରିକା ୨୪ତମ ସ୍ଥାନରେ ରହିଛି। ତେଣୁ ଭାରତ ଏହି ମ୍ୟାଚ୍‌ରେ ଫେବରାଇଟ ବିବେଚିତ ହେଉଥିଲେ ମଧ୍ୟ ଆମେରିକାକୁ ଆଦୌ ହାଲକା ଭାବେ ଗ୍ରହଣ କରିବ ନାହିଁ ବୋଲି ସେ କହିଛନ୍ତି । ଆସନ୍ତା ୧୪ ତାରିଖରେ ଭାରତ ନ୍ୟୁଜିଲାଣ୍ଡକୁ ଓ ୧୬ରେ ଇଟାଲୀକୁ ଭେଟିବ।

# ଫେଡେରେସନ କପ୍ ଥାଏବକ୍ସିଂରେ ଓଡ଼ିଶା ରନର୍ସ



ଭୁବନେଶ୍ୱର, ୧୨ା ୧ (ସମିସ): ଓଡ଼ିଶା ଥାଏବକ୍ସିଂ ଦଳ ମଧ୍ୟପ୍ରଦେଶର ଖଣ୍ଡୱାଠାରେ ଅନୁଷ୍ଠିତ ଫେଡେରେଶନ କପ୍ ଥାଏବକ୍ସିଂ ପ୍ରତିଯୋଗିତାରେ ଓଡ଼ିଶା ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୦ଜଣ ପ୍ରତିଯୋଗୀ ଅଂଶ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନିଶା ସୁତାର, କାହ୍ନା ଘଡ଼େଇ, ଅଂଶୁମାନ ମହନ୍ତ, ଓମ୍‌ପ୍ରକାଶ ବେହେରା, ସୁମିତ କିଙ୍ଗରିଙ୍ଗ, ଆର୍ଯ୍ୟକୁମାରୀ ନାୟକଙ୍କୁ ସ୍ୱର୍ଣ୍ଣପଦକ ମିଳିଥିଲା। ନିଖିଳ ସ୍ୱାଇଁ, ଜନ୍ମେଜୟ ସାମଲଙ୍କୁ ରୌପ୍ୟ ପଦକ, ପ୍ରୀତିରେଖା ବେହେରା, ଗୋପି ପ୍ରଧାନ, ବୃନ୍ଦାବନ ନାୟକ, ବିକେଡ ଜାନରା, ରାଜା ପ୍ରଭୁପ୍ରଧାନ ପ୍ରମୁଖ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏମାନଙ୍କ ବ୍ୟତୀତ ପିଣ୍ଟୁ ବର୍ମା ପଙ୍କଜ ଦେହୁରୀ ପ୍ରୋ-ଟାଇଟଲ ବେଲ୍ଟ ହାସଲ କରିଛନ୍ତି। ଓଡ଼ିଶା ଦଳ ସହ ଅଫିସିଆଲ ଭାବେ ସୁଧାଂଶୁ ପଣ୍ଡା, ସଚିନ ମହନ୍ତ, ବାଲାଜୀ ଗଡାଇ ଓ ଉମାକାନ୍ତ ବେହେରା ଯାଇଥିଲେ। ଓଡ଼ିଶାର ଏହି ସଫଳତା ଲାଗି ଓଡ଼ିଶା ଥାଏବକ୍ସିଂ ସଂଘର ସମ୍ପାଦକ ଶୁଭେନ୍ଦୁ ସାମନ୍ତରାୟ କୃତୀ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଆରମ୍ଭ

କଟକ,୧୨ା୧(ସମିସ): ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ନିଖିଳ ଓଡ଼ିଶା ମିନି, ଉପକନିଷ୍ଠ ଏବଂ ରାଜ୍ୟ ର୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କଟକ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୪୭ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଯଶୋବନ୍ତ ଦାସ, ଅଧ୍ୟକ୍ଷା



ମଧୁମିତା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘ ସଭାପତି କାର୍ତ୍ତିକ ଦାସ, ସାଙ୍ଗଠନିକ ସମ୍ପାଦକ କମଳ ଦାସ, କୋଷାଧ୍ୟକ୍ଷ ଚନ୍ଦନ ଦାସ, ନିରୀକ୍ଷକ ମନୋରଞ୍ଜନ ପଣ୍ଡା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି।

ଜାତୀୟ ପାରାଆଥଲେଟିକ ଚାମ୍ପିଅନସିପ

# କୁନିଲତା ଓ ପଙ୍କଜ ଜିତିଲେ ରୌପ୍ୟ

ଭୁବନେଶ୍ୱର, ୧୨ା ୧ (ସମିସ): ଗୋଆରେ ଚାଲିଥିବା ୨୨ତମ ଜାତୀୟ ପାରାଅଲିମ୍ପିକ୍ ଚାମ୍ପିଅନସିପର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୩ଟି ପଦକ ମିଳିଛି। ଏହା ମଧ୍ୟରୁ ପୁରୁଷ ଆଥଲେଟ ଓଡ଼ିଶାର ପଙ୍କଜ ଭୂଏ ୨ଟି ରୌପ୍ୟ ଓ ଓଡ଼ିଶାର କୁନିଲତା ବାରିକଙ୍କୁ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ଗୁରୁବାର ଅନୁଷ୍ଠିତ ପ୍ରଥମ ଦିନରେ କମଳାକାନ୍ତ ନାୟକ ପୁରୁଷ ଜାଭେଲିନ୍‌ରେ ପ୍ରଥମ ପଦକ ବିଜୟୀ ହୋଇଥିଲେ।





ଶୁକ୍ରବାର ଅନୁଷ୍ଠିତ ଟି-୫୩/ ୫୪ ହ୍ୱିଲଚେୟାର ଫେନ୍ସିଂରେ ୨୫.୩୮ ସେକେଣ୍ଡ ସମୟ ନେଇ କୁନିଲତା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ବିଭାଗରେ ତାମିଲନାଡୁର କିରଣ ଶ୍ରୀରାମ ମେଟକାରଙ୍କୁ ସ୍ୱର୍ଣ୍ଣ ଓ ଇ କାଲେଇସେଲଭିଙ୍କୁ କାଂସ୍ୟ ପଦକ ମିଳିଛି। ସେହିପରି ପୁରୁଷ ବିଭାଗ ୧୦୦ ମିଟର ଦୌଡ଼ ଓ ଲମ୍ବଡିଆଁରେ ପଙ୍କଜ ରୌପ୍ୟ ପଦକ ହାସଲ କରିଛନ୍ତି। ୧୦୦ ମିଟର ଦୌଡକୁ ୧୧.୯୦ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ଲମ୍ବ ଡିଆଁରେ ସେ ୫.୩୩ ମିଟର ଦୂରତାକୁ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୦୦ ମିଟର ଦୌଡ଼ରେ ଛତିଶ ଗଡର କାଲରାମ ପଟେଲଙ୍କୁ ଓ ଲମ୍ବ ଡିଆଁରେ ମହାରାଷ୍ଟ୍ରର ଅକ୍ଷୟ ସୂତାର ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଦୁଇ ଦିନରେ ଓଡ଼ିଶାକୁ ୪ଟି ରୌପ୍ୟ ପଦକ ମିଳିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ

# ଟାଇଟଲ ବଜାୟ ରଖିଲା ଓଡ଼ିଶା



ଭୁବନେଶ୍ୱର, ୧୨ା ୧ (ସମିସ): କର୍ଣ୍ଣାଟକକୁ ୬ ୱିକେଟରେ ପରାସ୍ତ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତାରେ ଟାଇଟଲ ବଜାୟ ରଖିଛି। ଶୁକ୍ରବାର ବେଙ୍ଗାଲୁରୁର ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ମାତ୍ର ୯୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଓଡ଼ିଶା ଦଳ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୯୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ କରିବା ପରେ ଅଧିନାୟିକା ଫୁଲ ସୋରେନ୍ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲେ। କିନ୍ତୁ ଯମୁନାରାଣୀ ଟୁଡୁ ୨୪ ଓ ବାସନ୍ତୀ ହାଁସ୍‌ଦା ୩୪ ରନ୍ କରିବା ଫଳରେ ଦଳ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଚମତ୍କାର ବୋଲିଂ କରିଥିବା ଝିଲି ବିରୁଆଙ୍କୁ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଓ ବି-୩ କାଟେଗୋରୀରେ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ତାଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ଚାମ୍ପିଅନ ଓଡ଼ିଶା ଦଳକୁ ଟ୍ରଫି ସହ ୧ଲକ୍ଷ ୪୦ହଜାର ଟଙ୍କାର ପୁରସ୍କାର ଦିଆଯାଇଛି। ଖେଳ ଶେଷରେ କିମ୍ବଦନ୍ତୀ କ୍ରିକେଟର ସନ୍ଦୀପ ପାଟିଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

● ମହିଳା ଦିନିକିଆ କ୍ରିକେଟ

# ସୌରାଷ୍ଟ୍ରକୁ ହରାଇଲା ଓଡ଼ିଶା

କଟକ,୧୨ା୧(ସମିସ): ପୁଡୁଚେରୀରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ଖେଳାଯାଇଥିବା ମୁକାବିଲାରେ ଓଡ଼ିଶା ୪ୱିକେଟରେ ସୌରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ରାମେଶ୍ୱରୀ ନାଏକ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମ ବ୍ୟାଟିଂ କରିଥିବା ସୌରାଷ୍ଟ୍ର ୧୦୧ ରନ୍ କରିବାକୁ ସମର୍ଥ ହୋଇଥିଲା। ଜବାବରେ ଓଡ଼ିଶା ୩୭.୧ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରରୁ ସରିତା ମେହେର ୧୦୩ ବଲ୍‌ରୁ ୪୩ ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ରସନାରା ପରୱିନ ୧୮ ରନ୍ କରିଥିଲେ। ସୌରାଷ୍ଟ୍ରର ଏନ୍ ଚାୱଡାଙ୍କୁ ୩ଟି ଓ ଏନ୍ ଓଜାଙ୍କୁ ୨ଟି ୱିକେଟ ମିଳିଥିଲେ ମଧ୍ୟ ତାହା କାମରେ ଆସି ନଥିଲା।


ରାମେଶ୍ୱରୀ ନାୟକ


ପ୍ରିୟଙ୍କା ପ୍ରିୟଦର୍ଶିନୀ


ସରିତା ମେହେର

# ଉତ୍କଳ ଓପନ ଟେନିସ ଆରମ୍ଭ

ଭୁବନେଶ୍ୱର, ୧୨ା ୧ (ସମିସ): ଏସ୍ ଟେନିସ କ୍ଲବ୍ ଆନୁକୂଲ୍ୟରେ ୧୦ମ ଉତ୍କଳ ଓପନ ଟେନିସ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ମୋଟ ୮ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବାକୁ ଥିଲାବେଳେ ୩.୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ ବର୍ଷୋରୁ କମ୍ ବାଳକ ଓ ବାଳିକା, ମହିଳା ଏକକ ଓ ପୁରୁଷ ଓପନ ଏକକ ଓ ଯୁଗଳ ପ୍ରତିଯୋଗିତା ଅନୁଷ୍ଠିତ



ହେବ। ଅନ୍ୟ ୩ଟି ବିଭାଗରେ ଭେଟେରାନ ଖେଳାଳିମାନେ କେବଳ ଯୁଗଳ ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ସବୁ କାଟାଗୋରୀକୁ ମିଶାଇଲେ ମୋଟ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସ ମୁଖ୍ୟ ପରାମର୍ଶଦାତା ସୁରେଶଚନ୍ଦ୍ର ମହାପାତ୍ର ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ଏଡିଜିପି ଦୟାଲ ଗାଙ୍ଗୱାର, ଡଃ ହିତେଶ ରାୟ, ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ଡାକ୍ତର ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ

# ସେମିଫାଇନାଲରେ ବିଜେଇଏମ୍, କିଟ୍

ଭୁବନେଶ୍ୱର, ୧୨ା ୧ (ସମିସ): ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ (ବିଜେଇଏମ୍) ସ୍କୁଲ ଓ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଏଠାରେ ଚାଲିଥିବା ୨୦ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହା ଫଳରେ ସେମିଫାଇନାଲରେ କେଉଁଦଳ କାହା ସହ ଖେଳିବ ତାହା ସ୍ପଷ୍ଟ ହୋଇଯାଇଛି। ଶନିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ କିସ୍ ସହ ଖଣ୍ଡଗିରି ସେଣ୍ଟ ଜାଭିୟର ସ୍କୁଲ ଓ ଦ୍ୱିତୀୟ ସେମିରେ କିଟ ସହ ବିଜେଇଏମ୍ ସ୍କୁଲର ମୁକାବିଲା ହେବ।





ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ବିଜେଇଏମ୍ ୯୩ ରନ୍‌ରେ କେଦାରଗୌରୀ ସେଣ୍ଟ ଜାଭିୟର ସ୍କୁଲକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ୭୦ ରନ୍ କରି ଅପରାଜିତ ରହିଥିବା ବିଜୟୀ ଦଳର କ୍ରିଷ୍ଣା ସାସ୍‌ମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚନା କରାଯାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ୨୦ ରନ୍‌ରେ ଫ୍ୟୁଚର ଭୁବନେଶ୍ୱର ସ୍କୁଲ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୭୬ ବଲ୍‌ରେ ୮୬ ରନ୍ କରି ଅପରାଜିତ ରହିଥିବା କିଟ୍‌ର ଆଦିତ୍ୟ ନନ୍ଦଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପ୍ରଥମ ମ୍ୟାଚ୍‌କୁ ଅମ୍ପାୟାର ପ୍ରଦୀପ ଜେନା ଓ ଲୁଲୁ ମହାପାତ୍ର, ଦ୍ୱିତୀୟ ମ୍ୟାଚ୍‌କୁ ସନ୍ତୋଷ ଷଡଙ୍ଗୀ ଓ ସୁକାନ୍ତ ଦାସ ପରିଚାଳନା କରିଥିଲେ।

ଅଡିଟ୍ ଓ ଆକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ

# ପଶ୍ଚିମବଙ୍ଗ ଚାମ୍ପିଅନ, ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୨ା ୧ (ସମିସ): ସ୍ଥାନୀୟ ମହାଲେଖାକାର ଅଡିଟ-୨ ଓ ଏଜିରିକ୍ରିଏସନ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ବ୍ୟାଡିମଣ୍ଟନ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରେଳବାଇ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଦଳଗତ ବିଭାଗରେ ପଶ୍ଚିମବଙ୍ଗ ଏଜି ଚାମ୍ପିଅନ୍ ଓ ଓଡ଼ିଶା ଏଜି ରନର୍ସ ଅପ୍ ହୋଇଛି। ପୁରୁଷ ଏକକରେ ପଶ୍ଚିମବଙ୍ଗର ଜି ବାପିନାଡୁ ଓ ମହିଳା ଏକକରେ ବିହାରର ଦୀପାଳି ଗୁପ୍ତା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ମିଶ୍ରିତ ଯୁଗଳରେ ଭୁବନେଶ୍ୱରର ସୁଧା କଲ୍ୟାଣୀ ଓ ଝାଡଖଣ୍ଡର ବିନୟ ସିଂ ଟାଇଟଲ ଜିତିଥିଲେ। ମହିଳା ଡବଲ୍ସରେ ସୁଧା ଓ ନିଶିତା ରନର୍ସ ଅପ୍ ହୋଇଛନ୍ତି।

ଖେଳ ଶେଷରେ ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳବାଇ ଜିଏମ୍ ମନୋଜ ଶର୍ମା



ମୁଖ୍ୟ ଅତିଥି, ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂ, ବରିଷ୍ଠ ଉପମହାଲେଖାକାର ସୁଶ୍ରୀ ଏକତା ସିଂ, ସଚିନ କ୍ରିଷ୍ଣା କୌଶିକ ଓ ଉପମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ, ସ୍ୱାମୀ ଶୁଭମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ**

# ଓଡ଼ିଶା ଏଫ୍‌ସିର ବିଜୟ ଅଭିଯାନ

ଭୁବନେଶ୍ୱର, ୧୨।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର୍ କପ୍‌ର ୪ର୍ଥ ସଂସ୍କରଣରେ ଘରୋଇ ଓଡ଼ିଶା ଏଫ୍‌ସି ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ସନ୍ଧ୍ୟାରେ ଖେଳାଯାଇଥିବା ଏକ ରୋମାଞ୍ଚକ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ପୂର୍ବତନ ଆଇଏସ୍‌ଏଲ୍ ବିଜେତା ତଥା ଶକ୍ତିଶାଳୀ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ଗ୍ରୁପ୍-ଡି'ର ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ହିଁ ଘରୋଇ ଓଡ଼ିଶା ଏଫ୍‌ସି ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଥିଲା। ମ୍ୟାଚର ୨୧ତମ ମିନିଟ୍‌ରେ ଓଡ଼ିଶାର ମରୋକ୍କୋ ଖେଳାଳି ଅହମ୍ମଦ ଜାହୋଉ ଏକ ସୁନ୍ଦର ଫ୍ରି-କିକ୍‌କୁ ଗୋଲରେ ପରିଣତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମ ୪୫ ମିନିଟ୍ ସୁଦ୍ଧା ଓଡ଼ିଶା ଏହି ଅଗ୍ରଣୀକୁ ବଜାୟ ରଖିବାରେ ସଫଳ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଓଡ଼ିଶା ଏଫ୍‌ସି ଆହୁରି ଆକ୍ରମଣାତ୍ମକ ଖେଳିଥିଲା। ଏପରିକି ଓଡ଼ିଶା ଦଳ ଦ୍ୱିତୀୟାର୍ଦ୍ଧରେ ପାଖାପାଖି ଅଧ ଡଜନ ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ଗୋଲରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲା। ପ୍ରତିପକ୍ଷ ବେଙ୍ଗାଲୁରୁ ମଧ୍ୟ ଶେଷ ୧୦ ମିନିଟ୍‌ରେ ୨ଟି ସୁଯୋଗ ପାଇଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲା। ଶେଷରେ ଓଡ଼ିଶା ଏଫ୍‌ସି ୧-୦ ଗୋଲରେ ବିଜୟୀ ହୋଇ ୩ ପଏଣ୍ଟ କରାୟତ କରିନେଇଥିଲା। ଓଡ଼ିଶା ଏଫ୍‌ସି ତାହାର ଦ୍ୱିତୀୟ ମ୍ୟାଚ ଇଣ୍ଟର କାଶୀ ସହ ଜାନୁଆରୀ ୧୭ରେ ଖେଳିବ।



### ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ

ନିୟମିତ ଅଧିନାୟକ ସୁନିଲ ଛେତ୍ରୀଙ୍କ ବିନା ବେଙ୍ଗାଲୁରୁ ଏଫ୍‌ସି ଏହି ମ୍ୟାଚରେ ପଡ଼ିଆକୁ ଓହ୍ଲାଇଥିଲା। ଛେତ୍ରୀ ବର୍ତ୍ତମାନ ଭାରତୀୟ ଦଳ ସହ ଜାତୀୟ ଡ୍ୟୁଟିରେ ବ୍ୟସ୍ତ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତ ଶନିବାର ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ତେଣୁ ଛେତ୍ରୀ ଭାରତୀୟ ଦଳ ସହ କତାରରେ ପ୍ରସ୍ତୁତି ଚଳାଇଛନ୍ତି। ବେଙ୍ଗାଲୁରୁ ଦଳର ଏହି ତାରକା ଖେଳାଳି ଖେଳୁ ନ ଥିବାରୁ ପଡ଼ିଆରେ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳି ନ ଥିଲା। ସେହିଭଳି ଓଡ଼ିଶା ଏଫ୍‌ସିର ନିୟମିତ ଗୋଲରକ୍ଷକ ଅମରିନ୍ଦର ସିଂ ମଧ୍ୟ ଭାରତୀୟ ଦଳରେ ସାମିଲ ଥିବାରୁ ଏହି ମ୍ୟାଚରେ ଖେଳୁ ନ ଥିଲେ। ତାଙ୍କ ସ୍ଥାନରେ ମାୱିତ ରାଲଟେ ଗୋଲ କିପିଙ୍ଗ୍ ଭାର ସମ୍ଭାଳିଥିଲେ।

### ଏଫ୍‌ସି ଗୋଆକୁ ୩ ପଏଣ୍ଟ

ପୂର୍ବରୁ ଶୁକ୍ରବାର ସକାଳେ ପିଚ୍-୧ରେ ଖେଳାଯାଇଥିବା ଅନ୍ୟ ଏକ ଗ୍ରୁପ୍-ଡି' ମୁକାବିଲାରେ ଏଫ୍‌ସି ଗୋଆ ୨-୧ ଗୋଲରେ ଆଇ-ଲିଗ୍ ଦଳ ଇଣ୍ଟର କାଶୀକୁ ପରାସ୍ତ କରିଛି। ଏହି ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ୭ ମିନିଟ୍ ବ୍ୟବଧାନରେ ଗୋଆ ୨ଟି ଗୋଲ୍‌ଦେଇଥିଲା। ୫୮ତମ ମିନିଟ୍‌ରେ ନୋଆ ସାଦାଓୟୁ ଓ ୬୫ତମ ମିନିଟ୍‌ରେ କାର୍ଲୋସ ମାର୍ଟିନେଜ ଏହି ୨ଟି ଗୋଲ୍ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ତେବେ ୭୮ତମ ମିନିଟରେ ଇଣ୍ଟର କାଶୀର ଗେମାର ନିକୁମ ଏକ ଗୋଲ ଶୁଝାଇଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏଫ୍‌ସି ଗୋଆ ୨-୧ରେ ମ୍ୟାଚକୁ ଜିତି ୩ ପଏଣ୍ଟ ହାତେଇ ନେଇଥିଲା।

**ଅଲ୍ଟିମେଟ ଖୋ ଖୋ: ୩ୟ ସ୍ଥାନ ପାଇଁ ଲଢ଼ିବ ଜଗରନଟ୍ସ**

## ଆଜି ଜାଏଣ୍ଟସ-କୁଇକ୍ ଗନ୍ସ ଫାଇନାଲ

କଟକ,୧୨।୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହେବ। ଫାଇନାଲ ମୁକାବିଲାରେ ମୁହାଁମୁହିଁ ହେବେ ଗୁଜରାଟ ଜାଏଣ୍ଟସ ଓ ଚେନ୍ନାଇ କୁଇକ ଗନ୍ସ। ସଂଯୋଗବଶତଃ ଉଭୟ ଦଳ ମାତ୍ର ୨ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ଜାଏଣ୍ଟସ ୨୯-୨୭ ପଏଣ୍ଟରେ ଓଡ଼ିଶା ଜଗରନଟ୍ସକୁ ଏବଂ କୁଇକ ଗନ୍ସ ୩୧-୨୯ ପଏଣ୍ଟରେ ତେଲୁଗୁ ଯୋଦ୍ଧାସକୁ ସେମିଫାଇନାଲରେ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ଚଳିତ ସଂସ୍କରଣରେ ଗୁଜରାଟ ଜାଏଣ୍ଟସ ବିପକ୍ଷରେ ଚେନ୍ନାଇ କୁଇକ ଗନ୍ସ ଅପରାଜେୟ ରହିଛି। ଉଭୟ ଦଳ ଲିଗ ପର୍ଯ୍ୟାୟରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ। ଦୁଇଟି ଯାକ ମ୍ୟାଚ୍‌ରେ କୁଇକ ଗନ୍ସକୁ ବିଜୟ ମିଳିଛି। ଏହି ମ୍ୟାଚ୍‌ରେ ଦଳକୁ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ସୁଯୋଗ ରହିଛି। ସେହିପରି ୩ୟ ସ୍ଥାନ ପାଇଁ ତେଲୁଗୁ ଯୋଦ୍ଧାସକୁ ଭେଟିବ ଓଡିଶା ଜଗରନଟ୍ସ ଦଳ।

## ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ନାଗଲ



ମେଲବୋର୍ଣ୍ଣ,୧୨।୧(ଏଜେନ୍ସି): ଭାରତର ଶ୍ରେଷ୍ଠ ଏକକ ପୁରୁଷ ଖେଳାଳି ସୁମିତ ନାଗଲ ଦ୍ୱିତୀୟଥର ପାଇଁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ମୁଖ୍ୟ ଡ୍ର'ରେ ସ୍ଥାନ ହାସଲ କରିଛନ୍ତି। ନାଗଲ ଶୁକ୍ରବାର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ଫାଇନାଲ ରାଉଣ୍ଡରେ ସ୍ଲୋଭାକିଆର ଆଲେକ୍ସ ମୋଲକାନଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ମୁଖ୍ୟ ଡ୍ରକୁ ଉନ୍ନୀତ ହୋଇଛନ୍ତି। ପୂର୍ବରୁ ସେ ୨୦୨୧ ସଂସ୍କରଣରେ ମଧ୍ୟ ମୁଖ୍ୟ ଡ୍ରରେ ସାମିଲ ହୋଇଥିଲେ। ୨୦୨୧ ପରେ ସେ ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ଅଷ୍ଟ୍ରେଲିଆନ୍ ଓପନ ୧୪ରୁ ଆରମ୍ଭ ହେବ।

**■ ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ**

## ସେମିରେ ସାତ୍ୱିକ-ଚିରାଗ

କୁଆଲାଲମ୍ପୁର, ୧୨।୧: ଏଠାରେ ଚାଲିଥିବା ୧୦ କୋଟି ୭୮ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମାଲେସିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ତାରକା ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ଏହି ଦୁଇ ନମ୍ବର ଯୋଡି ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ୩୨ ନଂ ଯୋଡି ଚୀନର ରେନ ଜିଆଙ୍ଗ ୟୁ ଓ ହେ ଜି ତିଙ୍ଗଙ୍କୁ ୨୧-୧୧, ୨୧-୦୮ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଜୟୀ ହେବାକୁ ଏହି ଯୋଡିଙ୍କୁ ମାତ୍ର ୩୫ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଗତବର୍ଷ ସାତ୍ୱିକ-ଚିରାଗ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।


# ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ: ଭାରତୀୟ ଦଳରେ ଜୁରେଲ ନୂଆ ମୁହଁ

ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜର ପ୍ରଥମ ଦୁଇ ମ୍ୟାଚ୍ ଲାଗି ଶୁକ୍ରବାର ଭାରତୀୟ ଦଳ ଘୋଷଣା କରାଯାଇଛି। ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଘୋଷିତ ୧୭ ଜଣିଆ ଦଳରେ ନୂଆ ମୁହଁ ଭାବେ ଯୁବ ୱିକେଟ୍‌ରକ୍ଷକ ଧ୍ରୁବ ଜୁରେଲଙ୍କୁ ସୁଯୋଗ ମିଳିଛି। ଉତ୍ତରପ୍ରଦେଶର ୨୨ ବର୍ଷୀୟ ଜୁରେଲ ପ୍ରଥମଥର ଲାଗି ଜାତୀୟ ଦଳରୁ ଡାକରା ପାଇଛନ୍ତି। ଅପରପକ୍ଷରେ ୱିକେଟ୍‌ରକ୍ଷକ ଇଶାନ କିଶାନଙ୍କୁ ପୁନର୍ବାର ଦଳରୁ ବାଦ୍ ଦିଆଯାଇଛି। ପୂର୍ବରୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ଏବଂ ସଦ୍ୟତମ ଭାବେ ଚଳିତ ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ପଡ଼ିଥିଲେ। ନିକଟରେ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ କହିଥିଲେ, ଇଶାନ ଭାରତୀୟ ଦଳରେ ସ୍ଥାନ ପାଇବାକୁ ହେଲେ ପ୍ରଥମେ ଘରୋଇ କ୍ରିକେଟ୍ ଖେଳନ୍ତୁ। ଇଶାନଙ୍କ ସଟ୍ ଚୟନକୁ ନେଇ ପ୍ରଶିକ୍ଷକ ଦ୍ରାବିଡ୍ ଖୁସି ନ ଥିବା ଜଣାପଡ଼ିଛି। ଜୁରେଲ ସାମିଲ ହେବା ଫଳରେ ଦଳରେ ସେ ୩ୟ ୱିକେଟ୍‌କିପର ବିକଳ୍ପ ହେବେ। ଲୋକେଶ ରାହୁଲ ଓ ଶ୍ରୀକର ଭାରତ ମଧ୍ୟ



ୱିକେଟ୍‌କିପର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଗତ ବର୍ଷ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳି ଜୁରେଲ ଆଇପିଏଲ୍‌ରେ ପଦାର୍ପଣ କରିଥିଲେ। ନିକଟରେ ସେ ଭାରତୀୟ-ଏ ଦଳ ସହ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ ଅନ୍‌ଅଫିସିଆଲ୍ ଟେଷ୍ଟ ସିରିଜ ଖେଳିଥିଲେ। ଅପରପକ୍ଷରେ ଆଘାତଜନିତ ସମସ୍ୟା ଲାଗି ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ନାମକୁ ପ୍ରଥମ ଦୁଇ ଟେଷ୍ଟ ଲାଗି ବିଚାରକୁ ନିଆଯାଇ ନାହିଁ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଜାନୁଆରୀ ୨୫ରୁ ଆରମ୍ଭ ହେବ। ଜାନୁଆରୀ ୨୫ରୁ ହାଇଦରାବାଦ୍‌ରେ ପ୍ରଥମ ଏବଂ ଫେବ୍ରୁଆରୀ ୨ରୁ ବିଶାଖାପାଟଣାରେ ୨ୟ ଟେଷ୍ଟ ଖେଳାଯିବ।

**ଭାରତୀୟ ଦଳ (ପ୍ରଥମ ୨ ଟେଷ୍ଟ ମ୍ୟାଚ୍):** ରୋହିତ୍ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟାସ ଆୟର, ଲୋକେଶ ରାହୁଲ, ଧ୍ରୁବ ଜୁରେଲ, ଶ୍ରୀକର ଭରତ (୩ଜଣ ଯାକ ୱିକେଟ୍‌କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ୍ ବୁମ୍‌ରା (ଉପ-ଅଧିନାୟକ) ଓ ଆୱେସ ଖାନ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର